ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com






ବାଲେଶ୍ୱର ■ ସୋମବାର ୨୨ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 JUNE 2020

Vol.No. 30 ■ No. 155 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ଯୋଗ ଦିବସ ଏକତା ଓ ବିଶ୍ୱ ଭ୍ରାତୃତ୍ୱର ଦିନ : ପ୍ରଧାନମନ୍ତ୍ରୀ

### କୋଭିଡ-୧୯ ଭୂତାଣୁ ବିରୋଧରେ ପ୍ରତିରୋଧ ଶକ୍ତି ବୃଦ୍ଧି କରେ ଯୋଗ



ନୂଆଦିଲ୍ଲୀ ,୨୧।୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ରାଷ୍ଟ୍ରକୁ ସମ୍ବୋଧନ କରିଛନ୍ତି । ଆନ୍ତର୍ଜାତିକ ଯୋଗ ଦିବସ ଏକତା ଓ ବିଶ୍ୱ ଭାଇଚାରାର ଦିନ । କୋଭିଡ-୧୯ ମହାମାରୀ ଯୋଗୁ ଚଳିତ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସ ଇଲେକ୍ଟ୍ରୋନିକ ଓ ଡିଜିଟାଲ ମଂଚରେ ପାଳିତ ହେଉଛି । ଲୋକେ ପରିବାର ସହିତ ନିଜ ଘରେ ଯୋଗ ଅଭ୍ୟାସ କରୁଛନ୍ତି । ଯୋଗ ସମସ୍ତଙ୍କୁ ଏକାଠି କରିପାରିଛି। ସାରା ବିଶ୍ୱରେ ମାଇ ଲାଇଫ- ମାଇ ଯୋଗ ଭିଡିଓ ବ୍ଲଗିଂ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଲୋକ ଅଂଶଗ୍ରହଣ କରିବା ଏହାର ଲୋକପ୍ରିୟତାକୁ ଦର୍ଶାଉଛି । ଆମମାନଙ୍କୁ ବୃହତ ସମାବେଶରୁ ଦୂରେଇ ରହିବାକୁ ହେବ ଓ ପରିବାର ସହିତ ଘରେ ହିଁ ଯୋଗାଭ୍ୟାସ କରିବାକୁ ହେବ । ଚଳିତ ଆନ୍ତର୍ଜାତିକ ଯୋଗ ଦିବସର ଶୀର୍ଷକ 'ଘରେ ଯୋଗ ଓ ପରିବାର ସହ ଯୋଗ' ରହିଛି । ଯୋଗ ପାରିବାରିକ ବନ୍ଧନକୁ ମଜବୁତ କରୁଛି। ପରିବାରରେ ପିଲା, ଯୁବକ, ବୟସ୍କ ଯୋଗାଭ୍ୟାସ କରିବାରୁ ପାରିବାରିକ ବନ୍ଧନ ମଜବୁତ ହେଉଛି। ଘରେ ସକାରାତ୍ମକ ଉର୍ଜା ପ୍ରବାହିତ ହେଉଛି । ଯୋଗ ଭାବନାତ୍ମକ ଦୃଢତାକୁ ମଧ୍ୟ ପ୍ରୋତ୍ସାହିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ଶରୀରର ରୋଗ ପ୍ରତିରୋଧକ ପ୍ରକ୍ରିୟାକୁ ମଜବୁତ କରିଥାଏ । ଦୈନନ୍ଦିନ ଜୀବନରେ ପ୍ରାଣାୟମକୁ ନିଶ୍ଚିତ ଭାବେ ସାମିଲ କରିବାକୁ ପଡିବ । ପ୍ରାଣାୟାମ ବା ଶ୍ୱାସ ସମ୍ବନ୍ଧୀୟ ବ୍ୟାୟାମ ଶାସତନ୍ତ୍ରକୁ ମଜବୁତ କରିଥାଏ । କୋଭିଡ-୧୯ ଭୂତାଣୁ ଯୋଗୁଁ ମୁଖ୍ୟତଃ ଶ୍ୱାସତନ୍ତ୍ର ପ୍ରଭାବିତ ହେଉଥିବାରୁ ବର୍ତମାନ ସମୟରେ ପ୍ରାଣାୟାମର ବେଶ ପ୍ରାସଙ୍ଗିକତା ରହିଛି । ଯୋଗ ଏକତାର ଶକ୍ତି ଭାବେ ଉଭା ହୋଇଛି । କୌଣସି ଭେଦଭାବ ନରଖି ଏହା ମାନବୀୟ ସମ୍ପର୍କକୁ ମଜବୁତ କରିଥାଏ । ଜାତି, ବର୍ଣ୍ଣ, ଲିଙ୍ଗ, ବିଶ୍ୱାସର ଉର୍ଦ୍ଧ୍ୱରେ ଯେକୌଣସି ବ୍ୟକ୍ତି ଯୋଗକୁ ଆପଣାଇ ପାରିବେ । ଯଦି ଆମେ ନିଜକୁ ସୁସ୍ଥ ରଖିପାରିବା ତେବେ ସାରା ବିଶ୍ୱରେ ମାନବଜାତି ସୁସ୍ଥ ଓ ସୁଖୀ ହେବ । ଏହା କେବଳ ଯୋଗ ମାଧ୍ୟମରେ ସଫଳ ହୋଇପାରିବ । ସଚେତନ ନାଗରିକ ଭାବେ ଆମେ ଏକ ପରିବାର ଓ ଏକ ସମାଜ ଭାବରେ ଏକାଠି ହୋଇ ଆଗକୁ ବଢିବା । ଘରେ ଯୋଗ ଓ ପରିବାର ସହିତ ଯୋଗକୁ ନିଜ ଜୀବନରେ ସାମିଲ କରିବାକୁ ଉଦ୍ୟମ କରିବା । ଆମେ ନିଶ୍ଚିତ ସଫଳ ହେବା ଓ ଜିତିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କର୍ଣ୍ଣାଟକରେ କରୋନାରେ ୫ ଜଣଙ୍କର ମୃତ୍ୟୁ

ବେଙ୍ଗାଲୁରୁ,୨୧।୬ (ନି.ପ୍ର): କର୍ଣ୍ଣାଟକରେ ଗତ ୨୪ ଘଂଟା ମଧ୍ୟରେ କରୋନା ସଂକ୍ରମଣରେ ୫ ଜଣଙ୍କର ମୃତ୍ୟୁ ଘଟିଛି । କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୧୩୭ କୁ ବୃଦ୍ଧି ପାଇଛି । ଆଜି ଆଇସିୟୁରେ ୭୭ ଜଣ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟ ବିଭାଗର ବୁଲେଟିନ୍ ଅନୁଯାୟୀ, ମୃତକଙ୍କ ମଧ୍ୟରୁ ତିନିଜଣ ଜଣେ ମହିଳା ଏବଂ ଦୁଇଜଣ ପୁରୁଷଙ୍କ ସମେତ ବାଙ୍ଗାଲୋରର । ବୁଲେଟିନ୍ ?ରେ ଦର୍ଶାଯାଇଛି ଯେ ବିଡାରରେ ଜଣେ ୭୦ ବର୍ଷ ବୟସ୍କ ବ୍ୟକ୍ତି ଏବଂ ଅନ୍ୟ ୪୬ ବର୍ଷ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ।

## ଆଜି ଦିଲ୍ଲୀରେ ତିନି ହଜାର ନୂଆ କରୋନା ମାମଲା: ୬୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୨୧ ଜୁନ୍ (ହି.ସ.) ଦିଲ୍ଲୀର ଜାତୀୟ ରାଜଧାନୀ ଅଂଚଳରେ କରୋନା ବିପର୍ଯ୍ୟୟ ଜାରି ରଖିଛି । ଗତ ୨୪ ଘଂଟା ମଧ୍ୟରେ ଦିଲ୍ଲୀରେ ୩୦୦୦ ନୂତନ କରୋନା ମାମଲା ରିପୋର୍ଟ ହୋଇଥିବାବେଳେ ଆଜି କରୋନା କାରଣରୁ ୬୩ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀର କରୋନାରୁ ମୃତ୍ୟୁ ସଂଖ୍ୟା ୨୧୭୫ କୁ ବୃଦ୍ଧି ପାଇଛି । ଏଥି ସହିତ ମୋଟ ସଂକ୍ରମିତ ଲୋକଙ୍କ ସଂଖ୍ୟା ୫୯,୭୪୬ କୁ ବୃଦ୍ଧି ପାଇଛି । ରବିବାର ଦିନ ଦିଲ୍ଲୀ ସରକାରଙ୍କ ଦ୍ୱାରା ପ୍ରକାଶିତ ସ୍ୱାସ୍ଥ୍ୟ ବୁଲେଟିନ୍ ଅନୁଯାୟୀ, ରାଜ୍ୟରେ ଏ ଯାଏ ୫୯୭୪୬ ଟି କରୋନା ସଂକ୍ରମଣ ମାମଲା ସାମନାକୁ ଆସି ସାରିଛି । ଏଥିମଧ୍ୟରେ ଗତ ୨୪ ଘଂଟା ମଧ୍ୟରେ ୩୦୦୦ ନୂତନ କରୋନା ମାମଲା ରିପୋର୍ଟ ହୋଇଛି ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୬୨୮ ନମୁନାର ପରୀକ୍ଷଣ

ଭୁବନେଶ୍ୱର,୨୧।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ୪୬୨୮ ନମୁନାର ପରୀକ୍ଷା କରା ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୨୨୪୪୦୨ ନମୁନାର ପରୀକ୍ଷଣ କରା ଯାଇ ସରିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ବର୍ତମାନ ସୁଦ୍ଧା ରାଜ୍ୟରେ ୫୧୬୦ ଟି ମାମଲା ସାମନାକୁ ଆସିଛି ।

## ଏବର୍ଷ ସ୍ୱାଭାବିକଠାରୁ ୩୬ % ଅଧିକ ବର୍ଷା



ଭୁବନେଶ୍ୱର,୨୧।୬ (ନି.ପ୍ର): ଗତ ଦୁଇ ଦିନ ଧରି ଓଡିଶାରେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଗତ ଜୁନ୍ ୧ ତାରିଖ ଠାରୁ ଜୁନ୍ ୨୧ ତାରିଖ ମଧ୍ୟରେ ଓଡିଶାରେ ୧୭୨.୪ ମିମି ବର୍ଷା ରେକର୍ଡ କରାଯାଇଛି । ଯାହାକି ଏହି ସମୟ ମଧ୍ୟରେ ସ୍ୱାଭାବିକ ବର୍ଷା ୧୨୬.୬ ମିମି ଠାରୁ ୩୬ ପ୍ରତିଶତ ଅଧିକ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମୌସୁମୀ ପ୍ରଭାବରେ ଆଭ୍ୟନ୍ତରୀଣ ଓଡିଶାରେ ଅଧିକ ବର୍ଷା ଅନୁଭୂତ ହୋଇଥିବା ବେଳେ ଉପକୂଳ ଓଡିଶାର ଅନେକ ଅଂଚଳରେ ମଧ୍ୟ ବର୍ଷା ହୋଇଛି । ଢେଙ୍କାନାଳ, ଦେବଗଡ, ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅତ୍ୟଧିକ ୬୦ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ଯାଜପୁର ଜିଲ୍ଲାରେ ସ୍ୱାଭାବିକ ବର୍ଷା ଠାରୁ ୨୧ ପ୍ରତିଶତ ଏବଂ କେନ୍ଦ୍ରାପଡା ଜିଲ୍ଲାରେ ୩୮ ପ୍ରତିଶତ କମ୍ ବର୍ଷା ହୋଇଛି । ବାଲେଶ୍ୱର ,କଟକ, ଖୋର୍ଦ୍ଧା, ▶▶ପୃଷ୍ଠା ୭

## ଯୋଗାଭ୍ୟାସ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ଅବଦାନ ରଖ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତାରେ କହିଛନ୍ତି ଯେ ଯୋଗ ଭାରତୀୟ ପରମ୍ପରାର ଅନନ୍ୟ ସଂପଦ । ସୁସ୍ଥ ଓ ନିରାମୟ ଜୀବନଶୈଳୀ ପାଇଁ ସର୍ବୋତମ ମାଧ୍ୟମ ଭାବରେ ଯୋଗ ଆଜି ସାରା ବିଶ୍ୱରେ ଆଦର ଲାଭ କରିଛି । ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିବା ସହ ମାନସିକ ଶାନ୍ତି ମିଳିଥାଏ । ଏହା ଦ୍ୱାରା ମାନସିକ ଚାପ, ଦୁଶ୍ଚିନ୍ତା ଓ ଅବସାଦରୁ ମୁକ୍ତି ମିଳିଥାଏ । ଜୀବନଶୈଳୀଜନିତ ବିଭିନ୍ନ ରୋଗର ସଫଳ ନିୟନ୍ତ୍ରଣରେ ମଧ୍ୟ ଏହା ସହାୟକ ହୋଇଥାଏ । ନିୟମିତ ଯୋଗାଭ୍ୟାସ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ନିଜର ଅବଦାନ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।

## ରଥଯାତ୍ରା ପାଇଁ ଦାୟର ହେଲା ପୁନଃ ପିଟିସନ : ଆଜି ଶୁଣାଣୀ



ଭୁବନେଶ୍ୱର,୨୧।୬ (ନି.ପ୍ର): ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଘୋଷ ଯାତ୍ରା ବନ୍ଦ ହେବା ଲାଗି ଦିଆଯାଇଥିବା ରାୟର ପୁନର୍ବିଚାର କରିବା ପାଇଁ ସୁପ୍ରିମ କୋର୍ଟରେ ଏକାଧିକ ପିଟିସନ ଦିଆଯାଇଛି । ଆସନ୍ତା କାଲି ପୂର୍ବାହ୍ନ ୧୧ ଘଟିକାରେ ସମ୍ପୃକ୍ତ ପିଟିସନ ଉପରେ ସୁପ୍ରିମକୋର୍ଟରେ ଶୁଣାଣୀ ହେବ । ଜଷ୍ଟିସ୍ ବିଚାରପତି ଏସ. ରବୀନ୍ଦ୍ର ଭଟ୍ଟଙ୍କ କୋର୍ଟରେ ଏହି ଶୁଣାଣୀ କରାଯିବ । ଭିଡ଼ିଓ କନଫରେନସିଂ ମାଧ୍ୟମରେ ଭର୍ଚୁଆଲ କୋର୍ଟ ନଂ. ୩ରେ ଏହି ଶୁଣାଣୀ ହେବ । ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ସମେତ ଅନ୍ୟ ତିନି ଜଣ ପିଟିସନ ଦାୟର କରିଛନ୍ତି । ଅପରପକ୍ଷରେ ପୁରୀ ବିଜେପି ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଗଜପତିଙ୍କ ଚିଠି ପରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ପୃଥକ ପୃଥକ ଭାବେ ଚିଠି ଲେଖି ରଥଯାତ୍ରା କରିବା ପାଇଁ ଅନୁରୋଧ କରିଛନ୍ତି । ଭକ୍ତଶୂନ୍ୟ ରଥଯାତ୍ରା କରିବା ପାଇଁ ମୋଡ଼ିଫିକେସନ ପିଟିସନ ସୁପ୍ରିମକୋର୍ଟକୁ ରାଜ୍ୟ ସରକାର ଦେବାଲାଗି ଏଥିରେ ଦର୍ଶାଇଛନ୍ତି । ଏଥିପାଇଁ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଦର୍ଶାଇଛନ୍ତି । ଏହା ବ୍ୟତୀତ ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର କହିଛନ୍ତି ଯେ, ଗଜପତି ମୁଖ୍ୟମନ୍ତ୍ରୀଙ୍କୁ ରଥଯାତ୍ରା କରିବା ନେଇ ଲେଖିଥିବା ▶▶ପୃଷ୍ଠା ୭

## ରଥଯାତ୍ରା ବନ୍ଦ କରିବା ପାଇଁ ସୁନିୟୋଜିତ ଯୋଜନା କରାଯାଇଛି - ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ

ଭୁବନେଶ୍ୱର,୨୧।୬ (ନି.ପ୍ର): ରଥଯାତ୍ରା ବନ୍ଦ କରିବା ପାଇଁ ସୁନିୟୋଜିତ ଯୋଜନା କରାଯାଇଛି ବୋଲି ପୁରୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କ୍ଷୋଭ ପ୍ରକାଶ କରି କହିଛନ୍ତି । ସେ କହିଛନ୍ତି ଯେ, ଜୁନ୍ ୨୦ ତାରିଖରେ ସ୍ୱେଚ୍ଛାକୃତ ଭାବେ କୋର୍ଟ ଏହାକୁ ଗ୍ରହଣ କରିପାରିଥାନ୍ତେ । ବିଶେଷ ପରସ୍ଥିତିରେ କୋର୍ଟ ଅବକାଶରେ କାର୍ଯ୍ୟ କରିଥାଏ । ରଥଯାତ୍ରା କ୍ଷେତ୍ରରେ ମଧ୍ୟ କୋର୍ଟ ତାହା କରିପାରିଥାନ୍ତେ କିନ୍ତୁ ତାହା କଲେ ନାହିଁ ବୋଲି ସେ କହିଥିଲେ ।

## ପିଛା ଛାଡୁନି କରୋନା

### ♦ ବିହାରରେ ପୁଣି ୯୯ ନୂଆ କରୋନା ରୋଗୀ ଚିହ୍ନଟ

### ♦ ପାଟନାର ନୂଆ ଇଲାକାରେ ଲାଗିରହିଛି ସଂକ୍ରମଣ

ପାଟନା,୨୧।୬ (ନି.ପ୍ର): ପୁଣି ରବିବାର ଦିନ ବିହାରରେ ପୁଣି ୯୯ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିସହିତ ବିହାରରେ କରୋନା ରୋଗୀଙ୍କ ସଂଖ୍ୟା ୭୬୦୨ରେ ପହଂଚିଛି । ଏହି ନୂଆ ୯୯ ମାମଲା ୧୫ ଟି ଜିଲ୍ଲାରୁ ଆସିଛି । ସବୁଠାରୁ ଅଧିକ ସଂକ୍ରମିତ ରୋଗୀ ଦରଭଂଗା ଜିଲ୍ଲାରେ ବୋଲି କୁହାଯାଇଛି । ବର୍ତମାନ ସୁଦ୍ଧା କରୋନା ଭାଇରସରେ ବିହାରରେ ୪୯ ଜଣଙ୍କ ମୃତ୍ୟୁ ଘଟିଲାଣି । ଯେଉଁ ଜିଲ୍ଲାରୁ ନୂଆ ସଂକ୍ରମଣ ରୋଗୀ ବାହାରିଛନ୍ତି ସେଗୁଡ଼କ ହେଲା ବାଙ୍କା, ଭାଗଲପୁର, ଦରଭଂଗା, ଭୋଜପୁର, ନାଳନ୍ଦା, କିଶନଗଂଜ, ମଧେପୁରା, ରୋହତାସ, ସମସ୍ତୀପୁର, ସିବାନ ଏବଂ ପଶ୍ଚିମୀ ଚମ୍ପାରଣ । ରାଜଧାନୀ ପାଟଣାରେ ଏକା ସଂଗରେ ୫ ଜଣ ନୂଆ ମାମଲା ସାମନାକୁ ଆସିଛି । ଯେଉଁଥିରେ ପାଟଣାର ଦୁଇଟି ନୂଆ ସ୍ଥାନରୁ କରୋନା ସଂକ୍ରମଣ ଚିହ୍ନଟ ହୋଇଛି । ଏହି ଦୁଇଟି ନୂଆ ସ୍ଥାନ ହେଲା କିଦବଇପୁରୀ ଏବଂ ଭଟ୍ଟାଚାର୍ଯ୍ୟ ରୋଡ଼ । ଏଥି ସହିତ ପାଟଣା ସହର ଏବଂ ପାଟଣା ସିଟିରେ ମଧ୍ୟ ନୂଆ କରୋନା ରୋଗୀ ଚିହ୍ନଟ ଜାରି ରହିଛି । ପାଟଣାର ନୂଆ କଂଟେନମେଂଟ ଜୋନକୁ ସିଲ କରିବା ପାଇଁ ଯୋଜନା ଚାଲିଛି । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ରବିବାରକୁ ଜାରି କରାଯାଇଥିବା କରୋନା ସଂକ୍ରମିତ ସୂଚୀରେ ଦରଭଙ୍ଗାରେ ମୋଟ ୩୩ ନୂଆ ମାମଲା ସାମନାକୁ ଆସିଛି । ଯେଉଁଥିରେ ଭାଗଲପୁରରୁ ୯ ଓ ବାଙ୍କା ଜିଲ୍ଲାରୁ ମଧ ୯ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ପାଟନାରେ ୫ ଜଣ ନୂଆ ରୋଗୀ ମିଳିବା ସହିତ ରୋହତାସରେ ମଧ୍ୟ ୫ ଜଣ ଏବଂ ସମସ୍ତିପୁରରୁ ୧୮ ନୂଆ ରୋଗୀ ଅଛନ୍ତି । ସିବାସ ଜିଲ୍ଲାରୁ ୪ କରୋନା ପଜେଟିଭ ଆସିଛି । ସ୍ୱାସ୍ଥ ବିଭାଗ ସଚିବ ଲୋକେସ କୁମାର ସିଂଙ୍କ କହିବା ଅନୁସାରେ ନାଳନ୍ଦାରେ ୧, ମୁଂଗର ରେ ୨, ମଧେପୁରାରେ ୨, କିଶନଗଂଜରେ ୩ ଏବଂ ନବାଦା ରେ ୩ ନୂଆ ସଂକ୍ରମିତ ରୋଗୀ ମିଳିଛନ୍ତି । ଶନିବାର ଦିନ ମଧ୍ୟ ବିହାରରେ ମୋଟ ୨୧୩ ଜଣ ନୂଆ କରୋନା ରୋଗୀ ଚିହ୍ନଟି ହୋଇଥିଲେ । ବିହାରରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

### ଝାଡଖଣ୍ଡ ଜନସମ୍ବାଦ ରାଲିରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

## ଦେଶର ସୈନିକଙ୍କ ମନୋବଳକୁ ଦୃଢ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୬ (ନି.ପ୍ର): ଭାରତ ଓ ଚୀନ ମଧ୍ୟରେ ସୀମା ବିବାଦ ଦେଖାଯାଇଥିବା ବେଳେ ଏହି ସଂକଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବୀର ସୈନିକ ମାନଙ୍କ ମନୋବଳକୁ ଦୃଢ କରିଛନ୍ତି । ଦେଶର ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ସୈନିକ ମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ବିଜେପି ପକ୍ଷରୁ ଆୟୋଜିତ ଝାଡଖଣ୍ଡ ଜନସମ୍ବାଦ ଭର୍ଚୁଆଲ ରାଲିରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଯୋଗେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ମୋଦି ସରକାରର ଦ୍ୱିତୀୟ ବର୍ଷ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତି ହେବା ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସବକି ସାଥ୍ ସବକି ବିକାଶ ଓ ସବକି ବିଶ୍ୱାସର ମନ୍ତ୍ର ନେଇ ଚାଲୁଥିବା ମୋଦି ସରକାରର ପୂର୍ବ ଭାରତର ବିକାଶ କରିବା କେବଳ ଏକ ସ୍ଲୋଗାନ ନୁହେଁ ଗୋଟେ ଦାୟିତ୍ୱ । ପୂର୍ବ ଭାରତକୁ ବିକାଶ କରିବା ନରେନ୍ଦ୍ର ମୋଦିଙ୍କ ପ୍ରାଥମିକତା । ସେ କହିଛନ୍ତି ଦିଲ୍ଲୀରେ ଅନେକ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଥିଲେ । ମାତ୍ର ମୋଦି ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯେ ପୂର୍ବ ଭାରତର ବିକାଶ କରିବା କଥା ଅଧିକ ଚିନ୍ତା କରୁଛନ୍ତି । ପୂର୍ବ ଭାରତର ବିକାଶ ବିନା ଦେଶର ସନ୍ତୁଳିତ ବିକାଶ କରିବା ଅସମ୍ଭବ ବୋଲି ସେ କହିଛନ୍ତି । ମୋଦି ସରକାରରେ ଜାତୀୟ ରାଜପଥ, ରେଳ, କୃଷି ତଥା ସମସ୍ତ କ୍ଷେତ୍ରର ବିକାଶ ହୋଇଛି । ଓଡିଶାର ବନ୍ଦ ପଡିଥିବା ତାଳଚେର ସାର କାରଖାନା ସମେତ ଝାଡଖଣ୍ଡର ଅନେକ ବନ୍ଦ କାରଖାନାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇଛି । ଝାଡଖଣ୍ଡରେ ଗରିବଙ୍କୁ ସବୁ ପ୍ରକାର ମୌଳିକ ସୁବିଧା ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ କାଳରେ ପକ୍କା ଘର ପାଇଁ ଝାଡଖଣ୍ଡକୁ ଯେତିକି ଅନୁଦାନ ଦିଆଯାଇଛି କଂଗ୍ରେସର ଗତ ୧୦ ବର୍ଷ ଶାସନରେ ଝାଡଖଣ୍ଡକୁ ସେତେ ଅନୁଦାନ ମିଳିନଥିଲା । ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ବେଟି ବଚାଓ ଏବଂ ବେଟି ପଢାଓ ଭଳି କାର୍ଯ୍ୟକ୍ରମରେ ପୂର୍ବ ଭାରତ ତଥା ଝାଡଖଣ୍ଡ ଭଳି ରାଜ୍ୟ ଅଧିକ ଲାଭ ପାଇଛି । ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗାରେ ପାଇପଲାଇନ କାମ ମଧ୍ୟ ଏଠାରେ ହେଉଛି । କୋଇଲା କ୍ଷେତ୍ରରେ ସଂସ୍କାର ଅଣାଯିବା କାରଣରୁ ଝାଡଖଣ୍ଡରେ ସ୍ଥାନୀୟ ଅର୍ଥନୀତି ଅଧିକ ସୁଦୃଢ ହେବ । ଗ୍ରାମୀଣ ବିକାଶ ବିଭାଗ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ୫୦ ହଜାର କୋଟି ଟଙ୍କା ବ୍ୟୟରେ ଝାଡଖଣ୍ଡ ଓ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନ ମାଧ୍ୟମରେ ଦେଶର ୧୧୬ ଗ୍ରାମୀଣ ଜିଲ୍ଲାରେ ପ୍ରବାସୀ ଶ୍ରମିକମାନେ ୨୫ଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମରେ କାମ ପାଇପାରିବେ । ଆଜି ବିଶ୍ୱ କରୋନା ବିଭିଷୀକା ଦେଇ ଗତି କରୁଛି । ମାତ୍ର ଏହି ସମୟରେ କରୋନାକୁ ପରାସ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଦେଶ ଏକଜୁଟ୍ ହୋଇଛି । ଭାରତ ବିଶ୍ୱରେ ସ୍ୱାସ୍ଥ୍ୟବସ୍ଥାରେ ଭିନ୍ନ ଢାଂଚା ତିଆରି କରିଛି । କରୋନା ବୈଶ୍ୱିକ ମହାମାରୀରେ ଭାରତ ବିଶ୍ୱର ୧୫୦ ଦେଶକୁ ମେଡିସିନ ଯୋଗାଇଛି ।

# ଜିଲ୍ଲା ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟିର ସମୀକ୍ଷା ଓ ପ୍ରସ୍ତୁତି ବୈଠକ

## ୧୨ଟି ଗବେଷଣା ସଂସ୍ଥାର ବୈଜ୍ଞାନିକ ସାମିଲ୍

ନବରଙ୍ଗପୁର,୨୧।୬ (ନି.ପ୍ର): ଜିଲା ସାମାଜିକ ଓ ଅର୍ଥନୈତିକ ବିକାଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କମିଟିର ସମୀକ୍ଷା ଓ ପ୍ରସ୍ତୁତି ବୈଠକ ଜିଲାପାଳ ଡଃ. ଅଜିତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷର କାର୍ଯ୍ୟଧାରା ସଂପର୍କରେ ଆଲୋଚନା ହୋଇଥିଲା । ଜିଲାପାଳ ଡଃ.ମିଶ୍ର ଜିଲାର ଏକ ଗାଁକୁ "ଆଦର୍ଶ ଗ୍ରାମ" ଭାବେ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ଜନପ୍ରତିନିଧିଙ୍କୁ ବିଭିନ୍ନ ସ୍ତରରେ ସାମିଲ କରି ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ତୁରନ୍ତ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଏହି ପ୍ରକଳ୍ପରେ ୧୨ଟି ଗବେଷଣା ସଂସ୍ଥାର ବୈଜ୍ଞାନିକମାନେ ନବରଙ୍ଗପୁର ଜିଲାରେ ମତ୍ସ୍ୟ ଚାଷ, ସୁଗନ୍ଧିତ ତୈଳ, ଔଷଧୀୟ ଗୁଳ୍ମ ଚାଷ, ବନସ୍ପତି ଚାଷ ଓ ମିଶ୍ରିତଚାଷ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବା ପାଇଁ କାର୍ଯ୍ୟରତ ଅଛନ୍ତି । ଗବେଷଣାସଂସ୍ଥାର ରାଷ୍ଟ୍ରୀୟ ବନସ୍ପତି ଗବେଷଣାସଂସ୍ଥା ମାଧ୍ୟମରେ ଚଳିତବର୍ଷ ମହିଳା ସ୍ୱୟଂସହାୟିକା ଗୋଷ୍ଠିଙ୍କୁ ପୁଷ୍ପକଳା ନିର୍ଯ୍ଯଳୀ କରଣରେ ଆବଶ୍ୟକ ହେଉଥିବା ଓଭନ ଯୋଗାଇ ଦେବାସହ ଏହାର ବଜାରକରଣ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଏହି ବିଭାଗ ମୁଖ୍ୟ ବୈଜ୍ଞାନିକ ଏସ୍.କେ ତିୱାରୀ ମତପ୍ରକାଶ କରିଥିଲେ । ଚଳିତ ବର୍ଷ ଉନ୍ନତ କିଷମର ହଳିଦୀ 'କେଶରୀ' ଚାଷକୁ ଦୁଇଗୁଣିତ କରିବା ସହ ହଳଦୀ ପତ୍ରର ତେଲକୁ ବ୍ୟବହାର କରି ଘର ଓ ଅଫିସ ଆଦି ସଫା କରିବା ଦିଗରେ ଉଦ୍ୟୋଗୀ ଚିହ୍ନଟ କରିବା ଦିଗରେ ଫ୍ଲେଗ ମ୍ୟାପ୍ ତିଆରି କରାଯିବ ବୋଲି ପ୍ରକାଶ କରିଥିଲେ । ଜୀବାଣୁ ସାର ବ୍ୟବହାର ସହ ରଜନୀଗନ୍ଧା ଚାଷ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ କରିଥିଲେ । କେନ୍ଦ୍ରୀୟ ପନିପରିବା ପରୀକ୍ଷା ସଂସ୍ଥା (ସିଏଚଇଏସ) ମାଧ୍ୟମରେ ଦୁଇଟି ପଲି ହାଉସ ପ୍ରତିଷ୍ଠା କରିବା ସହ ସ୍ୱୟଂସହାୟକ ଗୋଷ୍ଠିକୁ ସାମିଲ କରି ଉନ୍ନତ କିଷମର ପନିପରିବା ଚାଷ ଓ ଫଳଦ୍ୱାରା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଥିବା ପ୍ରଧାନ ବୈଜ୍ଞାନିକ ଡଃ.ପି.ଶ୍ରୀନିବାସ ପ୍ରକାଶ କରିଛନ୍ତି । ଏଥିସହିତ ପନିପରିବା ମଞ୍ଜି ଯୋଗାଣ କରାଯିବ ବୋଲି କହିଥିଲେ । କେନ୍ଦ୍ରୀୟ ପକ୍ଷୀ ଗବେଷଣା ସଂସ୍ଥାର ପ୍ରଧାନବୈଜ୍ଞାନିକ ମହେନ୍ଦ୍ର କୁମାର ପାଢୀ ଉନ୍ନତ କିସମର କୁକୁଡା ଓ ବତକ ପାଳନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠିକୁ ସାମିଲ କରିବାର ପ୍ରସ୍ତାବ ରହିଥିବା ପ୍ରକାଶ କରିଛନ୍ତି । କେନ୍ଦ୍ରୀୟ ଖାଦ୍ୟ ପ୍ରକ୍ରିୟାକରଣ ଗବେଷଣା ସଂସ୍ଥା (ସିଏଫଟିଆରଆଇ)ର ପ୍ରଧାନ ବୈଜ୍ଞାନିକ ଡଃ. ଜ୍ୟୋର୍ତିମୟୀ ପନିପରିବା ଓ ଫଳର ପ୍ରକ୍ରିୟାକରଣ କରିବା, ମକାକୁ ମୂଲ୍ୟଯୁକ୍ତ କରିବା ଦିଗରେ ଉଦ୍ୟୋଗୀ ଚିହ୍ନଟ କରିବା ସହ ତାଲିମ ପ୍ରଦାନ କରାଯିବ । ପୋଷଣ ତତ୍ୱ ଗବେଷଣା କରିବା ସହ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏହି ପ୍ରକଳ୍ପର କାର୍ଯ୍ୟକ୍ରମ ସଂଯୋଜକ ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ଡଃ.ସନ୍ତୋଷ କୁମାର ମିଶ୍ର ଜିଲାରେ ୧୦୦୦ଟି ଧୂମ୍ର ବିହୀନ ସ୍ୱଳ୍ପ ଜାଳେଣୀ ଖର୍ଚ୍ଚ ଚୂଲୀ ପ୍ରଦାନ କରିବା ସହ ମକା ଶୁଷ୍କିକରଣ ଡ୍ରୟର ପ୍ରତିଷ୍ଠା କରାଯିବ ବୋଲି କହିଥିଲେ । ଶେଷରେ ଜିଲାପାଳ ଡଃ. ମିଶ୍ର 'ସ୍କଚ ପୁରସ୍କାର' ଅନ୍ତିମ ପର୍ଯ୍ୟାୟରେ ପହଂଚିଥିବାରୁ ଅଧିକରୁ ଅଧିକ ଭୋଟ ଦେବା ସହ ଏହି ବିକାଶର ମଡେଲରେ ଅଧିକ ଲୋକଙ୍କୁ ସାମିଲ କରିବା ସହ ଜିଲାର ୨୨ହଜାର ପ୍ରବସୀଙ୍କୁ ଏହା ଦିଗଦର୍ଶନ ଦେଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଭିଡିଓ କନଫେରେନ୍ସିଂରେ ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା, ମୁଖ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡଃ.ପ୍ରଦୋଷ କୁମାର ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମାରାଣ୍ଡିଙ୍କ ସହ ଜିଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଲକ୍ଷ୍ମୀକାନ୍ତ ବକ୍ସି ସହଯୋଗ ଥିଲେ ।

## ବେଆଇନ ଲଘୁଖଣି ପରିବହନ ଚାଲାଣ ବେଳେ ୯ ଗାଡି ଜବତ

ଧର୍ମଶାଳା,୨୧।୬ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅଧିନସ୍ଥ ୧୬ ନଂ ଜାତୀୟ ରାଜପଥରେ ବେଆଇନଭାବେ ଲଘୁ ଖଣିଜ ପଦାର୍ଥ ପରିବାନ କରୁଥିବା ୯ ଗୋଟି ହାଇୱା ଓ ଡମ୍ପରକୁ ଜବତ କରାଯାଇଛି । କିଛି ଦିନ ପରେ ପୁଣି ବ୍ଲକ ପ୍ରଶାସନ ଖଣିଜ ପଦାର୍ଥ ବହନ କରୁଥିବା ଗାଡିକୁ ଜବତ କରୁଥିବା ଆଜି ଦେଖିବାକୁ ମିଳିଛି । ଜିଲାର ବିଭିନ୍ନ ସ୍ଥାନକୁ ଏହି ଗାଡି ଦ୍ୱାରା ବେଆଇନଭାବେ ଲଘୁ ଖଣିଜ ପଦାର୍ଥ ହେଇଥିବା ଖବର ପାଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ୧୬ ନଂ ଜାତୀୟ ରାଜପଥରେ ପରିବହନ ସମୟରେ ୯ ଗୋଟି ଗାଡିକୁ ଜବତ କରି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ଜରିମାନା ଆଦାୟ ପରେ ସେମାନଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି । ଏହି ଚଢାଉ ଫଳରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଡି.ଆର.ଡି.ଏ. ବିଜ୍ଞାପନରେ ଏସ.ଟି. ବର୍ଗପାଇଁ ସଂରକ୍ଷଣ ଆଇନ ଉଲଂଘନ, ସଂଶୋଧିତ ବିଜ୍ଞପ୍ତି ପ୍ରକାଶନ ପାଇଁ ଦାବୀ



ବାରିପଦା,୨୧।୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଗତ ୬ ତାରିଖରେ ୫୬୧୪ ନମ୍ବର ବିଜ୍ଞପ୍ତି ଜରିଆରେ ୪୨ ଗୋଟି ଚୁକ୍ତିଭିତିକ ଗ୍ରାମ ରୋଜଗାର ସେବକ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି । ଏହି ବିଜ୍ଞପ୍ତିରେ ବିଭିନ୍ନ ବର୍ଗର ପ୍ରାର୍ଥିଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷଣ ନାହିଁ । ଏଣୁ ଏଥିରେ ସଂରକ୍ଷଣ ଆଇନ ଓ.ଆର.ଭି. ଏକ୍ଟ ୧୯୭୫ କୁ ଉଲଂଘନ କରାଯାଇଥିବାର ମାରିସା ସେନା ପକ୍ଷରୁ ସଭାପତି ଅର୍ଜୁନ ମୁର୍ମୁ ଅଭିଯୋଗ କରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରାଙ୍କ ନିକଟରେ ତୁରନ୍ତ ୧୦ ଦିନ ମଧ୍ୟରେ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବୀ ଜଣାଇଛନ୍ତି । ଯଦି ୧୦ ଦିନ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ କରାନଯାଏ ତେବେ ମାରିସା ସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମଧ୍ୟ କୁହାଯାଇଛି ।

# ଖରୀଫ ଋତୁ ଆରମ୍ଭ : କନ୍ଧମାଳ ଜିଲ୍ଲାରେ ମାତ୍ର ୨୨ ପ୍ରତିଶତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା

କନ୍ଧମାଳ,୨୧।୬ (ନି.ପ୍ର): କନ୍ଧମାଳକୁ ଏବେ ମୌସୁମୀ ଛୁଇଁଲାଣି । ଫଳରେ କନ୍ଧମାଳ ଚାଷୀ ଏବେ ଚାଷକାମ ଆରମ୍ଭ କରିଛି । କେହି କେହି ତଳି ପକାଇବା ବେଳେ ଆଉ କିଏ ଧାନ ବୁଣିଲାଣି । ଜିଲ୍ଲାରେ ମୋଟ ଚାଷଜମି ୧ ଲକ୍ଷ ୨୭ ହଜାର ୭୯୦ ହେକ୍ଟର ମଧ୍ୟରୁ ମାତ୍ର ୫୦ ହଜାର ହେକ୍ଟର ଚାଷଜମିରେ ଧାନଚାଷ ହେଉଛି ଜିଲ୍ଲାରେ । ସେଥିମଧ୍ୟରୁ ଉଚ୍ଚଜମି ଅଧିକ ଥିବାବେଳେ ଖାଲଜମି ଓ ମଧ୍ୟମ କିସମ ଜମି କମ୍ ଅଛି ଜିଲ୍ଲାରେ । ହେଲେ କନ୍ଧମାଳ ଜିଲ୍ଲାରେ ଜଳ ସେଚନ ବ୍ୟବସ୍ଥା ଭଲ ନାହିଁ । ମୋଟ ଚାଷଜମିର ମାତ୍ର ୨୨ ପ୍ରତିଶତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି ଖରୀଫ ଋତୁରେ । ରବିରେ ଆହୁରି କମ୍ ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି । ତେବେ, ସରକାରୀ ଭାବେ ୨୨ ପ୍ରତିଶତ କୁହାଯାଉଥିବା ବେଳେ ବେସରକାରୀ ଭାବେ ଏହା ଆହୁରି କମ୍ ରହିଛି । ସରକାରୀ ରିପୋର୍ଟ ପ୍ରକାରେ ଜିଲ୍ଲାରେ ଗୋଟିଏ ମଧ୍ୟମ ଜଳସେଚନ ଯୋଜନା ରହିଛି । ପିଲାସାଲକୀ ମଧ୍ୟମ ଜଳସେଚନ ଯୋଜନା ମାଧ୍ୟମରେ ୧୨ଶହ ହେକ୍ଟର ଚାଷଜମି ଜଳସେଚିତ ହେଉଥିବା ବେଳେ ୧୧୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଚେକ୍‌ଡ୍ୟାମ ମାଧ୍ୟମରେ ୨ ହଜାର ୩୨୮ ହେକ୍ଟର, ବୋରୱେଲ ମାଧ୍ୟମରେ ୯୭୮ ହେକ୍ଟର, ୩୩୪ଟି ଜଳ ଅମଳ ପ୍ରକଳ୍ପ ମାଧ୍ୟମରେ ୨୫୭ ହେକ୍ଟର, ୪୯୨୮ଟି ସେଚକୂପ ମାଧ୍ୟମରେ ୯୮୫ ହେକ୍ଟର ଓ ଅନ୍ୟାନ୍ୟ ସୂତ୍ରରୁ ୨ ହଜାର ୧୭୦ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ହେଉଥିବା ଜଣାପଡିଛି । ତେବେ, ସରକାର ଜଳସେଚନ ବୃଦ୍ଧି ଲାଗି ପ୍ରତିବର୍ଷ ଜିଲ୍ଲାକୁ କୋଟି କୋଟି ଟଙ୍କା ଦେଉଥିବା ବେଳେ ଏସବୁ ଅର୍ଥ ଅନୁଦାନରୁ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ଯୋଗୁଁ ଜଳସେଚନ ହାର ବଢିପାରୁନି ଜିଲ୍ଲାରେ । ଏଣୁ, ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ଦୁର୍ନିତୀଗ୍ରସ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଲଗାମ ଲଗାଇବା ଜରୁରୀ ହୋଇପଡିଛି ।

# ମୌସୁମୀର ଲୁଚକାଳି ଖେଳ, ଚାଷୀଙ୍କ ପାଇଁ କାଳ

ଭଦ୍ରକ,୨୧।୬ (ନି.ପ୍ର): ଆଜିସୁଦ୍ଧା ବର୍ଷାର ଅନିୟମିତତା ଯୋଗୁଁ ଚାଷୀ ଚାଷ କାମ ଆରମ୍ଭ କରିପାରିନାହାଁ । ଏଥିନେଇ ଚାଷୀମାନଙ୍କ ମନରେ ହତାଶଭାବ ସୃଷ୍ଟି ହୋଇଥିବାର ପରିଲକ୍ଷିତ ହୋଇଛି । ମୌସୁମୀର ଲୁଚକାଳି ଖେଳ, କାଳ ସାଜିବାକୁ ବସିଛି ଚାଷୀଙ୍କ ପାଇଁ । ପ୍ରତିବର୍ଷ ପରି ଚଳିତ ବର୍ଷ ଚାଷୀଙ୍କ ମୁହଁରେ ସେପରି ଆନନ୍ଦ ନାହିଁ । ପାଣିପାଗ ବିଭାଗ ଆଗୁଆ ସୂଚନା ଦେଲା ଏଥର ମୌସୁମୀ ଶୀଘ୍ର ଆସିବ ଏବଂ ଆସିଲା ମଧ୍ୟ । କିନ୍ତୁ ଲୁଚକାଳି ଖେଳପରି କେଉଁଆଡେ ଲୁଚିଗଲା ମୌସୁମୀ । ଅକ୍ଷୟ ତୃତୀୟା ଠାରୁ ଧାନବୁଣା କାର୍ଯ୍ୟ ଆରମ୍ଭ କରାଯାଇ ରଜ ସଂକ୍ରାନ୍ତି ସୁଦ୍ଧା ଏହା ସରିଯିବା କଥା । ଏହି କାର୍ଯ୍ୟ ସରିବ କଣ ଆଜିଯାଏ ଆରମ୍ଭ ହୋପାରିନାହିଁ । ବିଳମ୍ବରେ ଚାଷକାର୍ଯ୍ୟ ଆରମ୍ଭ ହୋଇ ବିଳମ୍ବରେ ସରିବ ଯଦ୍ୱାରା ଗରିବ ଚାଷୀମାନଙ୍କୁ ଋଣ ଚିନ୍ତାଗ୍ରସ୍ତ କରିଛି । ସାଧାରଣତଃ ଏ ଅଂଚଳର ଚାଷୀମାନେ ବ୍ୟାଙ୍କ କିମ୍ବା ଗାଁ ମହାଜନୀଙ୍କ ଠାରୁ ସୁଧରେ ଋଣ ଆଣି ଚାଷକାର୍ଯ୍ୟରେ ବିନିଯୋଗ କରିଥାନ୍ତି । ଧାନ ଅମଳ ହେବା ପରେ ଏହାକୁ ବିକ୍ରି କରି ଋଣ ପରିଶୋଧ କରିଥାନ୍ତି । ଏ ବର୍ଷ ରଜ ସରିଲା, ରଜ ଆଗରୁ ମୌସୁମୀ ଆସିଗଲା, ପାଗ ନଥିବାରୁ ୯୫ ଭାଗ ଜମିରେ ଧାନ ତଳି କିମ୍ବା ଧାନ ବୁଣା କାର୍ଯ୍ର ନହେବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ବର୍ମାନ ଜମିରେ ଗୋରୁଗାଈମାନେ ଚରୁଥିବାର ଦେଖାଯାଉଛି । ବିବରଣୀରୁ ପ୍ରକାଶ ଯେ ଏହି ଜିଲାର ବନ୍ତ ବ୍ଲକ୍ ଆଗରପଡା ଓ ଏହାର ଆଖପାଖ ଅଂଚଳରେ ପ୍ରାୟ ୮୦ ଭାଗ ଚାଷୀ ଥିବାବେଳେ ୨୦ ଭାଗ ସରକାରୀ ଚାକିରିଆ ଅଛନ୍ତି । ରଜ ପୂର୍ବରୁ ଜମିରେ ହଳ ଗାର ବାଜି ପାରିଲା ନାହିଁ । ପ୍ରବଳ ଗରମ ଓ ଗ୍ରୀଷ୍ମଋତୁ ଫଳରେ ଜମି ଟାଣ ହୋଇଯାଇଥିଲା । ରଜ ପର୍ବ ପଡିବାର ଏକମାସ ପୂର୍ବରୁ ପାଗ ନହେବାରୁ ହଳ ହୋଇପାରିଲା ନାହିଁ । ତା ପରେ ପରେ ୨/୩ ଦିନରେ ଥରେ ବର୍ଷା ହୋଇ ଜମି ଓଦା ହୋଇଯାଏ । ଜମି ଶୁଖିବା ପୂର୍ବରୁ ପୁଣି ବର୍ଷା ହୋଇ ଛାଡିଯାଏ । ଜମିର ପାଗକୁ ଚାହିଁ ଚାହିଁ ହଳ ହୋଇପାରିଲା ନାହିଁ । ଅଧିକ ପରିମାଣରେ ବର୍ଷା ହୋଇଥିଲେ ଜମିକୁ କାଦୁଅ କରି ଧାନ ତଳି ପକା ଯାଇପାରିଥାନ୍ତା । ତାହା ମଧ୍ୟ ହୋଇପାରିଲା ନାହିଁ । ଜମି ଶୁଖିଲା ଥିଲେ ଚାଷୀ ବଳଦ ଯୋଗେ କିମ୍ବା ଟ୍ରାକ୍ଟର, ପାୱାର ଟିଲର ଯୋଗେ ହଳ କରି ଧାନ ବୁଣାବୁଣି କାର୍ଯ୍ୟ ସାରି ଦେଇଥାନ୍ତି । ଧାନ ତଳି ପଡିପାରିଲା ନାହିଁ କି ଧାନ ବୁଣା କାର୍ଯ୍ୟ ହେଲା ନାହିଁ । ପ୍ରାୟ ୧୦୦ ଚାଷୀଙ୍କ ମଧ୍ୟରୁ ୨ ରୁ ୩ ଜଣ ଚାଷୀ କେବଳ ଧାନ ତଳି ପକାଇବାରେ ସକ୍ଷମ ହୋଇଛନ୍ତି । ଚଳିତ ବର୍ଷ କୋଭିଡ୍-୧୯ ପାଇଁ ସବୁ ପର୍ବପର୍ବାଣୀରେ ଭଟ୍ଟା ପଡିବା ସହ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ରଜ ଆସି ସରିଗଲା, କିନ୍ତୁ ଚାଷୀଙ୍କ ମନରେ ପୂର୍ବହସ ରହିଲା ନାହିଁ । ଏକ ଭିନ୍ନ ବାତାବରଣ ସାଙ୍ଗକୁ ଧାନତଳି ନପକାଇପାରିବାର ଦୁଃଖ ଦୁଇଗୁଣା ହୋଇଗଲା । ପାଗର ଅନିୟମିତତା ଯୋଗୁଁ ବିଲରେ ଘାସ ମଧ୍ୟ ହୋଇଗଲାଣି ଏବଂ ଗୋରୁଗାଈମାନେ ମନ ଆନନ୍ଦରେ ଘାସ ଖାଉଥିବାର ଦେଖିବାକୁ ମିଳିଛି । ପାଗ ଠିକ୍ ନଥିବାରୁ ଅଧିକାଂଶ ଚାଷୀ ଗୋବରଖତ ମଧ୍ୟ ଜମିରେ ପକାଇ ପାରିଲେ ନାହିଁ । ଜୋରରେ ବର୍ଷା ହୋଇଗଲେ ବିଚରା ଚାଷୀ ଧାନ ତଳି ପକାଇବା ସହିତ ଜମିକୁ କାଦୁଅ କରିବାରେ ସକ୍ଷମ ହେବା ସହ ଧାନ ଚାଷ କାର୍ଯ୍ୟରେ ଲାଗିଯାନ୍ତା । ଏସବୁ ଦୁଃଖରେ ଭାଙ୍ଗିପଡିଛି ଚାଷୀ । ଚାଷ କେମିତି ହେବ, ପରିବାର କେମିତି ଚଳାଇବେ ସେହି ଦୁଃଖରେ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ । ଆଗରପଡା ତଥା ଏହାର ଆଖପାଖ ଅଂଚଳର ଅଗ୍ରଣୀ ଚାଷୀ ଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ ହୋଇପାରିନଥିବାରୁ ଚିନ୍ତିତ ହେବା ସହ ପ୍ରକୃତି ଦାଉ ସାଧୁଛି, ଏହାର କିଏ ପ୍ରତିକାର କରିପାରିବ ବୋଲି କହୁଛନ୍ତି ।

# କେନ୍ଦୁଝରରେ ବୋଦାପଳସା ଗ୍ରାମପଂଚାୟତକୁ ୭୨ ଘଣ୍ଟା ପାଇଁ ସଟ୍‌ଡାଉନ ଘୋଷଣା କଲେ ସରପଂଚ

କେନ୍ଦୁଝର,୨୧।୬ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଳସା ଗ୍ରାମପଂଚାୟତର ସମସ୍ତ ଗ୍ରାମକୁ ଶନିବାର ଦିନ ୨ ଘଂଟା ଠାରୁ ୭୨ ଘନ୍ଟା ପାଇଁ ସଟ୍‌ଡାଉନ ଘୋଷଣା କରିଥିବା ସରପଂଚ ଘୋଷଣା କରିଛନ୍ତି । ସରପଂଚ ଙ୍କର ନୋଟିସ ଅନୁସାରେ ଏହି ଗ୍ରାମପଂଚାୟତର ଦୁଇ ଜଣ ମହାରାଷ୍ଟ୍ର ଫେରନ୍ତା ବ୍ୟକ୍ତିଙ୍କ ଠାରେ କୋରୋନା ଚିହ୍ନଟ ହେବା ପରେ ସରପଂଚ ସମସ୍ତ ଗ୍ରାମପଂଚାୟତକୁ ସଟ୍‌ଡାଉନ ଘୋଷଣା କରିଛନ୍ତି । ଏହି ଅବଧି ମଧ୍ୟରେ ଗ୍ରାମ ଗୁଡୁକରେ ସରକାରୀ ମାର୍ଗଦର୍ଶିକା ମୁତାବକ କଟକଣା ବଳବତର ରହିବ ବୋଲି ଘୋଷମା କରାଯାଇଛି । ଏହା ସମୟ ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଦୋକାନ ବ୍ୟତିତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ । କୌଣସି ଗ୍ରାମକୁ କୋଭିଡ ମୁକାବିଲା ସମ୍ବନ୍ଧିତ ଓ ଅନୁମୋଦିତ ଗାଡି ବ୍ୟତିତ କୌଣସି ଯାନ ବାହାନ ଚଳାଚଳ କରିପାରିବ ନାହିଁ । ଏହା ଛଡା ଏହି ସମୟ ମଧ୍ୟରେ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ହାଟ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ସରପଂଚ ଘୋଷଣା କରିଛନ୍ତି ।

## ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ : ଥାନାରେ ମାମଲା

କେନ୍ଦ୍ରାପଡ଼ା,୨୧।୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବଟିରା ଗ୍ରାମରେ ପୂର୍ବ ଶତୃତା କୁ ନେଇ ଦିଲିପ ସେଠୀଙ୍କ ମୁଣ୍ଡରେ ଜୈନିକ ବ୍ୟକ୍ତି ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇ ଥିବାର ପାଟକୁରା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗ୍ରାମର ଦେବୀ ପ୍ରସାଦ ଦାସ (ଲିଟୁ) ଙ୍କ ସହିତ ଦିଲିପଙ୍କର ପୂର୍ବରୁ ଶତ୍ରୁତା ଥିଲା । ଏହି ଶତ୍ରୁତାକୁ କେନ୍ଦ୍ର କରି ଶନିବାର ସକାଳ ୮ଟା ସମୟରେ ଦିଲିପ ଗାଡିରେ ଯାଉଥିବା ବେଳେ ଲିଟୁ ତାଙ୍କୁ ବାଟରେ ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିବା ଶ୍ରୀ ସେଠୀ ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି । ପାଟକୁରା ଥାନା ଅଧିକାରୀ ୧୨୫/୨୦ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଦିଲିପ କେନ୍ଦ୍ରାପଡା ଏଚଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି ।

# ଧାମରା ବନ୍ଦରରେ ୪ କରୋନା ରୋଗୀ ଚିହ୍ନଟକୁ ନେଇ ଅଂଚଳବାସୀ ଆତଙ୍କରେ

ଭଦ୍ରକ, ୨୧/୬ (ହି.ସ.) - ଧାମରା ବନ୍ଦରରେ ଗତକାଲି ରାତିରେ ୪ଜଣ କରୋନା ରୋଗୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ସ୍ୱାବ ପରୀକ୍ଷାରୁ ସେମାନେ କରୋନା ପୋଜିଟିଭରେ ଆକ୍ରାନ୍ତ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ଜଣାଯାଇଛି । ଖବରରୁ ପ୍ରକାଶ ଗତ ୧୫ତାରିଖରେ ଦୁବାଇରୁ ଖଣିଜ ପଦାର୍ଥ ନେଇ ଆସିଥିବା ଏକ ଜାହାଜ ରେ ୪ଜଣ ଭାରତୀୟ କର୍ମଚାରୀ ଆସି ଧାମରା ବନ୍ଦରରେ ପହଂଚିଥିଲେ । ୧୫ ଜୁନ ରେ ଆସି ପହଂଚିଥିବା ଏହି ଜାହାଜରେ ୧୫ଜଣ କ୍ରୁ ମେମ୍ବର ଥିବା ବେଳେ ସେମାନଙ୍କର ସ୍ୱାବ ଏବଂ ରକ୍ତ ପରୀକ୍ଷା ଭଦ୍ରକ ଠାରେ ହୋଇଥିଲା । ଏହି ପରୀକ୍ଷା ରିପୋର୍ଟ ଆସିବା ପରେ କରୋନା ଚିହ୍ନଟ ୪ଜଣଙ୍କ ମଧ୍ୟରୁ ୨ଜଣ ନୂଆଦିଲ୍ଲୀର ବାସିନ୍ଦା,ଜଣେ ଝାଡଖଣ୍ଡର ବାସିନ୍ଦା ହୋଇଥିବା ବେଳେ ଆଉ ଜଣେ ତାମିଲନାଡୁର ବାସିନ୍ଦା ବୋଲି ଜଣାଯାଇଥିଲା । ଗତ ୧୫ ତାରିଖରୁ ସେମାନେ ଧାମରା ବନ୍ଦର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଜେଜେ ରିସୋର୍ଟ ହୋଟେଲରେ ରହି ଆସୁଥିଲେ । ଆଜି ଭଦ୍ରକରୁ ଏକ ଟିମରେ ଭଦ୍ରକ ଏଡିଏମ ଏବଂ ଏପିଡେମିଲୋଜିଷ୍ଟ ଆସି ଏହି ୪ଜଣ କରୋନା ରୋଗୀ ମାନଙ୍କୁ ନେଇ କଟକ ପଠାଇଥିଲେ ଏବଂ ଏହି ହୋଟେଲରେ ରହିଥିବା ଅନ୍ୟ ସମସ୍ତ ବିଦେଶୀଙ୍କ ସହ ହୋଟେଲ କର୍ମଚାରୀ ମାନଙ୍କୁ ସତର୍କ ରହିବା ପାଇଁ ସୁଚନା ଦେଇଥିବା ବେଳେ ଧାମରା ଅଂଚଳରେ ଥିବା ଅନ୍ୟ ତାରକା ହୋଟେଲ ତଥା ଗେଷ୍ଟ ହାଉସ ମାନଙ୍କରେ ରହିଥିବା ବିଦେଶୀ ମାନଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରାଯିବା ଜରୁରୀ ହୋଇ ପଡିଛି ବୋଲି ଅଂଚଳବାସୀ ଦାବୀ କରିଛନ୍ତି ।। ଆଜିର ଏହି ଖବର ପ୍ରସାରିତ ହେବା ପରେ ଧାମରା ବନ୍ଦରରେ ଆତଙ୍କ ଖେଳିଯାଇଛି ଏବଂ ଧାମରା ଅଂଚଳରେ କୋକୁଆଭୟ ଦେଖାଦେଇଛି ଫଳରେ ଧାମରା ବନ୍ଦର ନିକଟବର୍ତୀ ଇଲାକା ର ରାସ୍ତାଘାଟ ଜନଶୂନ୍ୟ ହୋଇଯାଇଛି ।

# ସରପଞ୍ଚଙ୍କ ଜିଲାପାଳ କ୍ଷମତା ପ୍ରୟୋଗ : ଦକ୍ଷିଣବାଡ ପଂଚାୟତ ସଟ୍‌ଡାଉନ୍

ଭଦ୍ରକ, ୨୧/୬ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବଜାର ସମେତ ସହର ଦକ୍ଷିଣବାଡ ପଂଚାୟତକୁ ସରପ ଜିଲାପାଳ କ୍ଷମତା ପ୍ରୟୋଗ କରି ୧୯ ତାରିଖ ଠାରୁ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଓ ୨୫ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଆଂଶିକ ସଟଡାଉନ୍ କରିଛନ୍ତି । ସରପ ବିଜୟ ଶଙ୍କର ମହାନ୍ତି ଏକ କ୍ରେସ୍ ବିଜ୍ଞପ୍ତି ପ୍ରକାଶ କରି କରୋନା ମହାମାରୀ ସହ ଲଢେଇ ପାଇଁ ସଟଡାଉନ୍‌ର ଆବଶ୍ୟକତା ଥିବା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନ ୨ଟା ଠାରୁ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବଜାର ସଂପୂର୍ଣ୍ଣ ବନ୍ଦ ଓ ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ୨୫ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସକାଳ ୬ ରୁ ଦିନ ଦୁଇଟା ପର୍ଯ୍ୟନ୍ତ ଦୋକାନ ବଜାର ସାମାଜିକ ଦୂରତା ସହ ମାସ୍କ ପିନ୍ଧି ଖୋଲାଯିବ । ଦୁଇଟା ଠାରୁ ପ୍ରତ୍ୟେକ ଦିନ ବନ୍ଦ କରାଯିବ । ଏହାର ଉଲ୍ଲଘନ କରୁଥିବା ବ୍ୟବସାୟୀଙ୍କ ଠାରୁ ପାଂଚ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସରପ କହିଛନ୍ତି । ଏହି ପଦକ୍ଷେପ ସଂପର୍କରେ ଜିଲାପାଳ ଓ ଜିଲା ପୁଲିସ୍ ଅଧୀକ୍ଷକଙ୍କୁ ଜଣାଯାଇ ଦିଆଯାଇଛି ବୋଲି ସୂଚନା ଦିଆଯାଇଛି ।

## ଚୋରା ମାଙ୍କଡା ପଥର ଚାଲାଣ କରୁଥିବା ୩ ଟ୍ରକ ଜବତ

ଭୁବନ,୨୧।୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ତହସିଲ ଅନ୍ତର୍ଗତ ବିଭିନ୍ନ ପଥର କଣିରୁ ରୀତିମତ ଚୋରା ମାଙ୍କଡା ପଥର ଚାଲାଣ ହେଉଥିବା ସଂପର୍କରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଏବେ ଆକ୍ସନ ମୁଡ ରେ ରହି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଶୁକ୍ରବାର ବିଳମ୍ବିତ ରାତ୍ରିରେ ଗଁନ୍ଦିଆ ଅଂଚଳରୁ ଭୁବନ କୁ ଚୋରା ଚାଲାଣ ହେଉଥିବା ଓଆର୦୯ ଏଫ ୮୫୩୭ , ଓଆରବ୍ୱାଇ ୩୫୮୫, ଓଆର୧୯ଏଫ୭୭୮୫ ତିନୋଟି ଟ୍ରକକୁ ସ୍ପେଶାଲ ସ୍କ୍ୱାର୍ଡ ବାଜିରାଉତ ସେତୁ ଉପରେ ଚଢାଉ କରି ଭୁବନ ଫରେଷ୍ଟ ରେଂଜରଙ୍କୁ ହସ୍ତାନ୍ତର କରିଛି ।

# ଫୁଲବାଣୀ ଓକିଲ ସଂଘ ପକ୍ଷରୁ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଚୀନ ବିରୋଧରେ ନାରାବାଜି : ପୋଡିଲେ ଚୀନ ସାମଗ୍ରୀ

କନ୍ଧମାଳ,୨୧।୬ (ନି.ପ୍ର): ଫୁଲବାଣୀ ଓକିଲ ସଂଘ ତରଫରୁ ଭାରତ ଚୀନ ସୀମାରେ ଥିବା ଗଲବାନ ଘାଟିରେ ଗତ ୧୫ ତାରିଖରେ ହୋଇଥିବା ଚୀନ ଓ ଭାରତୀୟ ସେନାଙ୍କ ମଧ୍ୟରେ ସଂଘର୍ଷରେ ସହୀଦ ହୋଇଥିବା ଜବାନ ଚନ୍ଦ୍ରକାନ୍ତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଏହାସହିତ ସେଠାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ କୁଶପୁତଳିକା ଦାହ କରି ସେଠାରେ ଚୀନ ସାମଗ୍ରୀ ଗୁଡିକୁ ପୋଡାଯାଇଥିଲା । ଫୁଲବାଣୀ କୋର୍ଟଛକ ଠାରେ ଓକିଲ ସଂଘ ପକ୍ଷରୁ ଗଲବାନଠାରେ ସହୀଦ ହୋଇଥିବା ଭାରତର ୨୦ ଜଣ ଯବାନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ସହୀଦ ଆତ୍ମାର ସଦଗତି କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ ଫୁଲବାଣୀ ଓକିଲ ସଂଘର ସଭାପତି ଚନ୍ଦ୍ରଶେଖର ମିଶ୍ର,ସମ୍ପାଦକ ରମେଶ ମହାନ୍ତି, ବିଜୟ ମାହନ୍ତି, ବିଜୟକୃଷ୍ଣ ପଟ୍ଟନାୟ,ମନୋଜ କୁମାର ପଟ୍ଟନାୟକ,ରଞ୍ଜନ ଦାସ,ଅଜୟ ସିଂ,ଅସୀମ ତ୍ରିପାଠୀ,ଶିବପ୍ରସାଦ ତ୍ରିପାଠୀ,ସୁରଶେ କୁମାର ମହାପାତ୍ର,ଆଦିତ୍ୟ ପ୍ରସାଦ ତ୍ରପାଠୀ,ଭଗବାନ ମହାନ୍ତି,ଅଜିତ ପଟ୍ଟନାୟକଙ୍କ ସମେତ ସମସ୍ତ ଓକିଲ ସଂଘର ସଦସ୍ୟ ଓ କର୍ମକର୍ତା ମାନେ ଯୋଗ ଦେଇ ସହିଦ ଜବାନ ଅମର ରହେ ଧ୍ୱନି ଦେବା ସହିତ ଚୀନ ରାଷ୍ଟ୍ରପତିଙ୍କ କୁଶପୁତଳିକା ସହିତ ଚୀନ ତିଆରି ସାମଗ୍ରୀ ପୋଡିବାସହିତ ଏହି ସାମଗ୍ରୀ ଗୁଡିକ ବର୍ଜନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା ।

# ସରପଂଚ ମାନଙ୍କ ସହ କଥା ହେଲେ ଗଜପତି ଜିଲ୍ଲାପାଳ

ପାରଳାଖେମୁଣ୍ଡି,୨୧।୬ (ନି.ପ୍ର): ପ୍ରଥମେ ଜିଲ୍ଲାପାଳ ଭିଡ଼ିଓ କନଫରେନସିଂ ମାଧ୍ୟମରେ ପ୍ରତି ପଂଚାୟତ ସମିତିର ଭିଡ଼ିଓ କନଫରେନସିଂ ହଲରେ ଉପସ୍ଥିତ ଥବବା ସମସ୍ତ ସରପଂଚଙ୍କୁ ସ୍ୱାଗତ କରିବା ସହ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ୍ ଭାବେ ଚଳାଇଥିବା ହେତୁ ପ୍ରତି ସରପଂଚଙ୍କୁ ଧନ୍ୟବାଦ ଦେଇଥିଲେ । ମଇ ମାସ ୨୩ ତାରିଖରେ ଜିଲ୍ଲାରେ ପ୍ରଥମ କରୋନା ପଜିଟିଭ୍ କେସ୍ ଚିହ୍ନଟ ହୋଇଥିବା ବେଳେ ଜୁନ୍ ୧୯ ତାରିଖରେ ଏହା ୧୯୧ରେ ପହଂଚିବା କଥାକୁ ଗୁରୁତ୍ୱ ଆକାରରେ ସମସ୍ତେ ନେବେ ବୋଲି ଅନୁରୋଧ କରିବା ସହ କେବଳ ସରକାର ଚାହିଁଲେ ଏହି ରୋଗକୁ ପ୍ରତିରୋଧ କରିବା କଷ୍ଟ । ତେଣୁ ପ୍ରତ୍ୟେକ ଜନସାଧାରଣ ଏଥିରେ ସହଯୋଗ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ । ବଢୁଥିବା କରୋନା ରୋଗୀ ସଂଖ୍ୟାକୁ ଆଖି ଆଗରେ ରଖବ, ତୃଣମୂଳ ସ୍ତରରେ କିପରି ଅଧିକା ସଚେତନତା ବଢ଼ଇବା ସହ ସଂଗରୋଧ କେନ୍ଦ୍ରରୁ ଗଲାପରେ ପ୍ରତ୍ୟେକେ କିପରି ପୁରି ଘରେ ସଂଗରୋଧରେ ରହିବେ ଏବଂ ସାମାଜିକ ଦୂରତା ପାଳନ କରିବା ସହ ମାସ୍କ ପିନ୍ଧିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ଉପରେ ନିରୀକ୍ଷଣ କରୁଥିବା ଦଳ ଯଥା ଆଶା, ଅଙ୍ଗନୱାଡ଼ି ଏବଂ ଏ.ଏନ.ଏମ୍ କିପରି ସବୁ ଲୋକଙ୍କ ପାଖରେ ପହଂଚିବା ସହ ସେମାନଙ୍କ ପାଖରେ ଆରମ୍ଭ ହୋଇଥିବା ଲକ୍ଷଣକୁ ଠିକ୍ ସମୟରେ ଚିହ୍ନଟ କରିବା ସହ ଏବଂ ସେମାନଙ୍କୁ ଯଥାଶୀଘ୍ର କୋଭିଡ଼୍ କେୟାର ସେଂଟରକୁ କିପରି ଅଣାଯିବ ତାହାରି ଉପରେ ବିଶେଷ ଭାବେ ଆଲୋଚନା କରିବା ସହଏଥିରେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ । ଏଥିପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଅଛି ଯେ, ପ୍ରତି ୱାର୍ଡ଼ରେ ୱାର୍ଡ଼ ସ୍ତରୀୟ କମିଟି ଗଠନ କରି ତାହାରି ଦାୟିତ୍ୱ ୱାର୍ଡ଼ ମେମ୍ବରଙ୍କ ଉପରେ ନ୍ୟସ୍ତ ହେବା ସହ କମିଟି କିପରି ଅଧିକ କ୍ରିୟାଶୀଳ ହୋଇ କାମ କରିବ, ତାହାରି ଉପରେ ସରପଂଚ ମାନଙ୍କ ସହକଥା ହୋଇଥିଲେ । ଏହି ବିଷୟ ଉପରେ ବି.ଡ଼ି.ଓ ମାନଙ୍କୁ ପଚାରି ଜିଲ୍ଲାପାଳ ବୁଝିଥିଲେ ଯେ, ଜିଲ୍ଲାରେ ଆବଶ୍ୟକ ଥିବା ୧୮୬୫ ସଂଖ୍ୟକ ୱାର୍ଡ଼ସ୍ତରୀୟ କମିଟି ଭିତରୁ ୧୧୮୦ ଗୋଟି ୱାର୍ଡ଼ରେ କମିଟି ତିଆରି ହୋଇସାରିଛି । ଜିଲ୍ଲାରେ ତିଆରି ହୋଇଥିବା ୱାର୍ଡ଼ କମିଟିରେ ୱାର୍ଡ଼ ମେମ୍ବର ଅଧ୍ୟକ୍ଷ ଥିଲା ବେଳେ ଜଣେ ଶିକ୍ଷକ ଆବାହକ ଏବଂ ଆଶା, ଅଙ୍ଗନୱାଡ଼ି, ସ୍ୱେଛାସେବୀ ଅନୁଷ୍ଠାନରୁ ଜଣେ ସଭ୍ୟ ଅଟନ୍ତି । ଆଗାମୀ ଦିନରେ ପ୍ରତି ପଂଚାୟତରେ ଚାଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କୋଭିଡ଼୍ କେୟାର ସେଂଟର ଭାବରେ କାମ କରିବା ସହଏହାର ଦାୟିତ୍ୱ ପ୍ରତି ସରପଂଚଙ୍କ ପାଖରେ ନ୍ୟସ୍ତ ରହିବ । ଏଥିରେ ଲକ୍ଷଣ ଥିବା ବ୍ୟକ୍ତି ହିଁ ରହିବେ । ଶେଷରେ ପ୍ରତି ସରପଂଚ ପଂଚାୟତ ସ୍ତରରେ ପ୍ରତି ୱାର୍ଡ଼ ମେମ୍ବରଙ୍କୁ ନେଇ ଏକ ମିଟିଙ୍ଗ କରି ସେମାନଙ୍କର ଦାୟିତ୍ୱ ଉପରେ ବୁଝାଇବା ପାଇଁ ଅନୁରୋଧ କରିବା ସହ ପଂଚାୟତ ସମିତିର ପ୍ରତ୍ୟେକ ଏରିଆରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକମାନଙ୍କୁ ସଚେତନତା କାର୍ଯ୍ୟ ଜାରି ରଖିବା ଲାଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରାଚୀନ ସହର

ଆଧୁନିକ ସଭ୍ୟତା ସହିତ ତାଳ ଦେଇ ସହରର ଚିତ୍ର ମଧ୍ୟ ଦ୍ରୁତତ ଗତିରେ ପରିବ ର୍ତନ ହେଉଛି । ଉଚ୍ଚ ଅଟ୍ଟାଳିକା, ବିସ୍ତୃତ ସଡ଼କ, ଲୋକଙ୍କ ଗହଳି ସହରରେ ଦେଖିବାକୁ ମିଳେ । ହେଲେ କେବେ ଭାବିଛନ୍ତି ଆପଣ ଯେଉଁ ସହରରେ ରହୁଛନ୍ତି ପୂର୍ବରୁ ତାହା କେମିତି ଥିଲା ? କେବେ ସେଇ ସହର ଅସ୍ତିତ୍ୱକୁ ଆସିଥିଲା ? ଦେଶ ବିଦେଶର ସେମିତି କେତୋଟି ପ୍ରାଚୀନ ସହର ଉପରେ ନଜର ପକାଇବା ।

## ଜେରିକୋ :

ଫିଲିସ୍ତିନର ଜେରିକୋ ସହରକୁ ଦୁନିଆର ସବୁଠୁ ପ୍ରାଚୀନ ସହର କୁହାଯାଇଥାଏ । ଇତିହାସବିଦ୍‌ଙ୍କ ଅନୁସାରେ ଏହି ସହର ୧୧ ହଜାର ବର୍ଷ ପୁରୁଣା । ପୂର୍ବରୁ ମଧ୍ୟ ସେହି ସହରରେ ଲୋକ ରହୁଥିଲେ ଏବେ ବି ରହୁଛନ୍ତି । ବର୍ତ୍ତମାନ ଏହି ପ୍ରାଚୀନ ସହରରେ ଏକ ଗାଁ ଗଢ଼ିଉଠିଛି । ଯେଉଠି ୨୦ ହଜାର ଲୋକ ବସବାସ କରୁଛନ୍ତି ।



## ବାଇବ୍ଲୋସ୍ :

ଲେବାନନରେ ଥିବା ବାଇବ୍ଲୋସ୍ ସହର ପ୍ରାଚୀନ ସହର ମଧ୍ୟରୁ ଗୋଟିଏ । କୁହାଯାଏ ଯେ ଏହି ସହର ୭ ହଜାର ବର୍ଷ ପୁରୁଣା । ଏହି ସ୍ଥାନରେ ଦ୍ୱାଦଶ ଶତାବ୍ଦୀର ଅନେକ ପ୍ରାଚୀନ ମନ୍ଦିର ଏବଂ ଦୁର୍ଗ ଆଜି ବି ଦେଖିବାକୁ ମିଳେ । ଏହି ସହର ଲେବାନନର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରୁ ଗୋଟିଏ ।



## ଆଲେପ୍ପୋ :

ସିରିଅର ରହିଛି ଏହି ପ୍ରାଚୀନ ସହର ଆଲେପ୍ପୋ । ଏହି ସହର ୬୩୦୦ ବର୍ଷ ପୁରୁଣା । ବ୍ୟାପାର ପାଇଁ ଏହି ସହର ପ୍ରାଚୀନ କାଳରୁ ଏସିଆ ଏବଂ ୟୁରୋପ ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ରହିଆସିଛି ।



## ଦାମାସ୍କସ୍ :

ସିରିଆର ଦାମାସ୍କସ୍ ସହର ପ୍ରାଚୀନ ସହର ତାଲିକାରେ ସାମିଲ ଅଛି । ଇତିହାସବିଦ୍‌ଙ୍କ ଅନୁସାରେ ଏହି ସହର ୬ ହଜାର ବର୍ଷ ପୁରୁଣା । ଏହି ସହରରେ ଆଜି ବି ଐତିହାସିକ ମହତ୍ତ୍ୱ ଅଛି । ବହୁ ଲୋକ ଏହି ସହରକୁ ବୁଲାବୁଲି କରିବାକୁ ଆସିଥାନ୍ତି । ପ୍ରାଚୀନ ଘର ଏବଂ ମସଜିଦ୍ ଏବେ ବି ଦେଖିବାକୁ ମିଳେ ।

## ଜେରୁସାଲେମ :

ଇସ୍ରାଏଲର ଜେରୁସାଲେମ ସହରକୁ ମୁସଲିମ୍ ସମ୍ପ୍ରଦାୟର ତୃତୀୟ ସବୁଠୁ ପବିତ୍ର ସହର ରୂପେ ଜଣାଯାଇଥାଏ । ଏହି ସହର ୨୮୦୦ ବର୍ଷ ପୂର୍ବେ ଅସ୍ତିତ୍ୱକୁ ଆସିଥିଲା । ଏହିଠାରେ ଅନେକ ପ୍ରାଚୀନ ଧାର୍ମିକ ସ୍ଥାନ ରହିଛି ।





## ବାରଣାସୀ :

ଆମ ଦେଶରେ ମଧ୍ୟ ଅନେକ ପ୍ରାଚୀନ ସହର ଅଛି ସେଥିରେ ଗୋଟିଏ ହେଲା ବାରଣାସୀ । ଏହା କାଶି ଏବଂ ବନାରସ ନାମରେ ମଧ୍ୟ ପରିଚିତ । ପ୍ରାଚୀନ ହିନ୍ଦୁ ଗ୍ରନ୍ଥର ମାନ୍ୟତା ଅନୁସାରେ ଏହି ସହର ଏକ ଲକ୍ଷ ବର୍ଷ ପୁରୁଣା । କିନ୍ତୁ ଇତିହାସବିଦ୍‌ଙ୍କ ଅନୁସାରେ ଏହି ସହର ୫ ହଜାର ବର୍ଷ ପୁରୁଣା । ଏହି ସହର ଭାରତ ପ୍ରମୁଖ ଧାର୍ମିକସ୍ଥଳରୁ ଗୋଟିଏ ।

## ଏଥେନ୍ସ :

ଗ୍ରୀସ୍‌ର ଏହି ପ୍ରାଚୀନ ସହର ୫ ହଜାର ବର୍ଷ ପ୍ରାଚୀନ । ଏହି ସହର ଆଧୁନିକ ସଭ୍ୟତାର ବିକାଶ ଏବଂ ଗଣତନ୍ତ୍ର ପାଇଁ ପରିଚିତ । ଏହି ସହରର ପ୍ରାଚୀନ ପରମ୍ପରା ଅତି ସମୃଦ୍ଧ ତଥା ଉନ୍ନତ ।



## ଗାଜିଆନଟେପ :

ଦକ୍ଷିଣ ତୁର୍କୀର ଏହି ସହରକୁ ସବୁଠୁ ପ୍ରାଚୀନ ସହର ରୂପେ ଜଣାଯାଇଥାଏ । ଏହି ସହର ୪ ହଜାର ବର୍ଷ ପୁରୁଣା । ଏହି ସହର ସିରିଆ ସୀମା ସହିତ ସଂଯୁକ୍ତ । ଏବେ ମଧ୍ୟ ଏହି ସହରରେ ଅନେକ ପ୍ରାଚୀନ ସ୍ଥାନ ଦେଖିବାକୁ ମିଳେ ।



# ବ୍ରେଡ୍ ରସ୍‌ମଲାଇ ରୋଲ୍



### ସାମଗ୍ରୀ :

୬ ଖଣ୍ଡ ବ୍ରେଡ୍ ବା ପାଉଁରୁଟି ନିଅନ୍ତୁ ।
ରାବ୍‌ଡୀ ପାଇଁ ସାମଗ୍ରୀ: କ୍ଷୀର-ଅଧା ଲିଟର, ଅଧା କପ୍ ଅମୁଲ, ୧/୩ କପ୍ ଚିନି, ଏକ ଚାମଚ ଗୁଜରାତି ଗୁଣ୍ଡ, ଅଳ୍ପ କେଶର, କିଛି କଟା ଆଲମଣ୍ଡ ଓ ପିସ୍ତା ।

**ପୂର ପାଇଁ ସାମଗ୍ରୀ:** ବଟର ୨ ଚାମଚ, ଅଧା କପ୍ କ୍ଷୀର ଓ ଅଧା କପ ଅମୁଲ୍ ।

**ରାବ୍‌ଡୀ ପ୍ରଣାଳୀ:** ଗୋଟିଏ ପ୍ୟାନ୍‌ରେ ଅଧା ଲିଟର କ୍ଷୀରକୁ ଗ୍ୟାସ୍‌ରେର ବସାନ୍ତୁ । ଅନ୍ୟ ଏକ ଛୋଟ ପାତ୍ରରେ ୨ ଚାମଚ କ୍ଷୀର ପକାଇ ସେଥିରେର କେଶର ମିଶାଇ ରଖିଦିଅନ୍ତୁ । ଗ୍ୟାସ୍‌ରେ ବସିଥିବା କ୍ଷୀର ଫୁଟିବାର ୨ ମିନିଟ୍ ପରେ ଏଥିରେ ଚିନି ମିଶାନ୍ତୁ । ଏବେ କ୍ଷୀରରେ ଚିନି ଭଲ ଭାବରେ ମିଳେଇ ଯିବା ପରେ ଅମୁଲ୍ ପାଉଡର୍ ମିଶାନ୍ତୁ । କିଛି ସମୟ ଘାଣ୍ଟିବା ପରେ ଏଥିରେ ଗୁଜରାତି ଗୁଣ୍ଡ ପକାନ୍ତୁ । ଏବେ ପ୍ରସ୍ତୁତ ହୋଇ ରହିଥିବା କେଶରର କ୍ଷୀରକୁ ଏହି ମିଶ୍ରଣରେ ପକାନ୍ତୁ । ଏହା ରାବ୍‌ଡୀର ରଙ୍ଗ ଆସିବାରେ ସାହାଯ୍ୟ କରିବ । ଏବେ ଅଧା ଲିଟର କ୍ଷୀରକୁ ଅଧା ହେବାକୁ ଛାଡ଼ି ଦିଅନ୍ତୁ ।

**ପୂରର ପ୍ରସ୍ତୁତି:** ଅନ୍ୟ ଏକ ପ୍ୟାନ୍‌ରେ ୨ ଚାମଚ ବଟର୍ ପକାନ୍ତୁ । ଟିକେ ସମୟ ପରେ ଏଥିରେ ୨୫୦ ମି.ଲି କ୍ଷୀର ମିଶାନ୍ତୁ । ଏବେ ଆଞ୍ଚକୁ ମଧ୍ୟମ କରି ଦିଅନ୍ତୁ । ଏବେ ଏଥିରେ ବାକି ରଖାଯାଇଥିବା ଅମୁଲ ପାଉଡର ମିଶାଇ ଦିଅନ୍ତୁ । ଏବେ ଏହି ମିଶ୍ରଣରେ ଭାନିଲା ଏସେନ୍ସ ଏବଂ ସାମାନ୍ୟ ଗୋଲାପ ଜଳ ମିଶାନ୍ତୁ । ଏହା ମିଶାଇବା ଦ୍ୱାରା ଖୁବ ଭଲ ବାସ୍ନା ଆସିଥାଏ । ଏହା ବହଳିଆ ହେବାଯାଏ ଘାଣ୍ଟନ୍ତୁ । ଭଲଭାବରେ ମିଶିଯିବା ପରେ ଗ୍ୟାସ୍‌କୁ ବନ୍ଦ କରିଦିଅନ୍ତୁ ।

**ରୋଲ୍ ପ୍ରାଣାଳୀ:** ବଜାରରେ ମିଳୁଥିବା ୬ ଖଣ୍ଡ ପାଉଁରୁଟି ନିଅନ୍ତୁ । ପାଉଁରୁଟିର ଚାରିକଡ଼କୁ କାଟି ବାହାର କରି ଦିଅନ୍ତୁ । ଏବେ ଏହାକୁ ବେଲଣା କାଠିରେ ଟିକିଏ ହାଲ୍‌କା ଭାବେ ବେଲି ନିଅନ୍ତୁ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବହଳିଆ ପୂରକୁ ପାଉଁରୁଟିରେ ଭରି ରୋଲ ଆକାର ରଖନ୍ତୁ । ଏବେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ରାବ୍‌ଡ଼ୀକୁ ଏହି ରୋଲ ଉପରେ ଧୀରେ ଧୀରେ ଢାଳନ୍ତୁ । ଏବେ ଏହା ଉପରେ କଟା ହୋଇ ରହିଥିବା ପିସ୍ତା ଓ ଆଲମଣ୍ଡ ପକାଇ ଦିଅନ୍ତୁ । କିଛି ସମୟ ପାଇଁ ଫ୍ରିଜ୍‌ରେ ଦିଅନ୍ତୁ । ପାଉଁରୁଟିରେ ରାବ୍‌ଡ଼ୀ ଭଲ ଭାବରେ ଭିଜିଯିବ । ଏବେ ବ୍ରେଡ୍ ରସ୍‌ମଲାଇ ରୋଲ ପ୍ରସ୍ତୁତ ।

# ବାଥ୍‌ରୁମକୁ ଏମିତି କରନ୍ତୁ ସଫା



ବାଥ୍‌ରୁମ୍ ବା ଗାଧୁଆ ଘର ସଫା କରିବାକୁ ନେଇ ପ୍ରାୟ ଗୃହଣୀ ଚିନ୍ତାରେ ଥାନ୍ତି । ଯଦି ପ୍ରତି ସପ୍ତାହରେ ଗାଧୁଆ ଘରକୁ ସଫା କରୁଥାନ୍ତି, ତେବେ ହାଲ୍‌କା ମଇଳାକୁ ସଫା କରିବା ଏତେଟା କଷ୍ଟ ହୋଇ ନଥାଏ । ମାତ୍ର ଯେଉଁମାନେ ନିୟମିତ ସଫା କରି ନଥାନ୍ତି । ସେମାନେ ବାଥ୍‌ରୁମ୍‌କୁ ନେଇ ଚିନ୍ତା କରିଥାନ୍ତି । ଏବେ ଆଉ ଚିନ୍ତା କରନ୍ତୁ ନାହିଁ । ଆମେ ଆପଣଙ୍କୁ ଜଣାଇବୁ ବାଥ୍‌ରୁମ ସଫା କରିବାର ସହଜ ଉପାୟ ।

ଗାଧୁଆ ଘରେ ବ୍ୟବହୃତ ହେଉଥିବା ବାଲ୍‌ଟି, ମଗ, ଛୋଟ ଟୁଲ, ବେସିନ୍, କଳା ଆଦିକୁ ସଫା କରିବା ପାଇଁ ଡିଟରଜେଣ୍ଟ ପରିବର୍ତ୍ତେ ହାର୍‌ପିକ୍ ବା କୌଣସି ଟଏଲଟ୍ କ୍ଲିନର୍‌କୁ ବ୍ୟବହାର କରିପାରିବେ । ବାଲଟି, ମଗ, ଛୋଟ ଟୁଲ, ବେସିନ୍ ଆଦି ଉପରେ ଏହାକୁ ଲଗାଇ ୧୦ ରୁ ୧୫ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ । ଏହା ପରେ ସ୍କବର୍ ନେଇ ଏସବୁକୁ ଭଲ ଭାବରେ ଘଷି ନିଅନ୍ତୁ । ଦେଖିବେ ବାଥ୍‌ରୁମ୍‌ର ସମସ୍ତ ମଇଳା ଚୁଟ୍‌କିରେ ସଫା ହୋଇଯିବ । ଆଉ ଚକାଚକ୍ ଦେଖାଯିବ । ସେହିପରି କଳଗୁଡ଼ିକୁ ସଫା କରିବା ପାଇଁ ହାର୍‌ପିକ୍ ସହ ପୁରୁଣା ଦାନ୍ତଘଷା ବ୍ରସ୍ ମଧ୍ୟ ବ୍ୟବହାର କରିପାରିବେ । କିନ୍ତୁ ଏହାକୁ ବ୍ୟବହାର କରିବା ପୂର୍ବରୁ ହାତରେ ଗ୍ଲୋବ୍‌ସ ଲଗାଇବାକୁ ଭୁଲନ୍ତୁ ନାହିଁ ।

# କାର୍ଗୋ ଟ୍ରାଉଜର

ନବେ ଦଶକର ଫ୍ୟାଶନ ଏବେ ଫେରିଆସିଛି । ଅଧିକାଂଶ ଝିଅ ଏମିତି ଫ୍ୟାଶନ ଜାରି କରିବାର ଦେଖିବାକୁ ମିଳୁଛି । କାର୍ଗୋ ପ୍ୟାଣ୍ଟ ଆଜି ବି ଟ୍ରେଣ୍ଡରେ ରହିଛି । ଏହି ପ୍ୟାଣ୍ଟ ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥାଏ । ଏହାକୁ ବିଭିନ୍ନ ପ୍ରକାର ଷ୍ଟାଇଲରେ ପିନ୍ଧିହେବ । ଅଫିସ୍ ହେଉ ବା ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍‌କୁ ପରଫେକ୍ଟ ଲୁକ୍ ଦେଇଥାଏ କାର୍ଗୋ ପ୍ୟାଣ୍ଟ ।



**ଅଫିସ୍ :**

ଅଫିସ୍ ପାଇଁ ନ୍ୟାରୋ କାର୍ଗୋ ପ୍ୟାଣ୍ଟ ବହୁତ ଭଲ । ଏହା ଷ୍ଟାଇଲିଶ୍ ଲାଗିବା ସହିତ ଫର୍ମାଲ୍ ଲୁକ୍ ଦେଇଥାଏ । ଏହି ପ୍ୟାଣ୍ଟ ତଳପଟୁ ନ୍ୟରୋ ହୋଇଥାଏ ଏବଂ ଏହାର ସାଇଡ୍‌ରେ ସିଙ୍ଗଲ୍ ପକେଟ୍ ରହିଥାଏ । ଯାହା ପରଫେକ୍ଟ କାର୍ଗୋ ଲୁକ୍ ଦେଇଥାଏ । ଅଫିସ୍ ପାଇଁ ଲାଇଟ୍ ସ୍ୟାଡୋ କାର୍ଗୋ ଟ୍ରାଉଜର ନିଅନ୍ତୁ । ଏହି ଟ୍ରାଉଜର ସହିତ ହ୍ୱାଇଟ୍ ସାର୍ଟ ଟିମଅପ୍ କରନ୍ତୁ ।

**ଟ୍ରାଭେଲ :**

ଟ୍ରାଭେଲ ସମୟରେ ଆମେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ପୋଷାକ ପିନ୍ଧୁ । କିନ୍ତୁ ଏହା ଆମ ପାଇଁ ଆରାମଦାୟକ ହୋଇନଥାଏ । ସେଥିପାଇଁ ଟ୍ରାଭେଲ କରିବା ବେଳେ ଏମିତି ପୋଷାକ ହେବା ଦରକାର ଯାହା ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥିବ । ଟ୍ରେକିଙ୍ଗ ପାଇଁ ମିଲିଟାରି ଡିଜାଇନର୍ କାର୍ଗୋ ପ୍ୟାଣ୍ଟ ପିନ୍ଧି ପାରିବେ । ଏହା କୁଲ୍ ଲୁକ୍ ଦେଇଥାଏ । ଏହା ସହିତ ଆପଣଙ୍କ ମନପସନ୍ଦର କୌଣସି ଟି-ସାର୍ଟ ପିନ୍ଧି ପାରିବେ । ଟ୍ରାଭେଲିଂ ବେଳେ ଆରାମ ଲାଗିବା ସହିତ ଟ୍ରାଭେଲିଂର ମଜା ନେଇ ପାରିବେ ।

**ଡେଟ୍ :**

ଡେଟ୍‌ରେ ଝିଅଙ୍କୁ ଷ୍ଟାଇଲିଶ୍ ପୋଷାକ ଦରକାର । ହେଲେ ଅନେକ ସମୟରେ ସେମାନେ କମ୍ଫର୍ଟ କଥା ଭୁଲି ଯାଆନ୍ତି । ଏମିତିରେ ଡେଟ୍‌ରେ ମଜା ଫିକା ପଡ଼ିଯାଏ । ତେଣୁ କମ୍ଫର୍ଟେବଲ ଓ ଷ୍ଟାଇଲିଶ ପୋଷାକ ପିନ୍ଧିବା ଦରକାର । କାର୍ଗୋ ପ୍ୟାଣ୍ଟ ଡେଟିଂ ପାଇଁ ପରଫେକ୍ଟ । ଷ୍ଟାଇଲିଶ୍ ଲୁକ୍ ପାଇଁ ସ୍କିନ୍‌ଫିଟ୍ କାର୍ଗୋ ପ୍ୟାଣ୍ଟ ସହିତ କ୍ରପ୍ ଟପ୍ ପିନ୍ଧିପାରିବେ । ପସନ୍ଦ ଅନୁଯାୟୀ ସୁଜ୍ କିମ୍ୱା ହାଇ ହିଲ୍ ପିନ୍ଧିପାରିବେ ।

**ହ୍ୟାଙ୍ଗଆଉଟ୍ :**

ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍ ପାଇଁ ଯାଇଥିଲେ ଏଭରଗ୍ରୀନ୍ ଡେନିମ୍‌ର କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଏହା ଫ୍ୟାଶନେବଲ ଲୁକ୍ ଦେଇଥାଏ । ଏହା ସହିତ ଟପ୍, ଟି-ସାର୍ଟ କିମ୍ୱା ଡେନିମ୍ ଜ୍ୟାକେଟ୍ ମ୍ୟାଚ କରିପାରିବେ । ଡେନିମ୍ ସହିତ କୌଣସି ବି ଟପ୍‌କୁ ମ୍ୟାଚ କରି ଫଙ୍କି ଲୁକ୍ ଆଣିପାରିବେ । ଅନ୍ୟଙ୍କଠାରୁ ଭିନ୍ନ ଦିଶିବେ ।

**ଜିମ୍ :**

କାର୍ଗୋ ପ୍ୟାଣ୍ଟ ଜିମ୍‌ରେ ମଧ୍ୟ ପିନ୍ଧି ହେବ । ଆରାମଦାୟକ ହୋଇଥିବାରୁ ସହଜରେ ଏକ୍ସରସାଇଜ କରି ହୁଏ । ଅଧିକାଂଶ ଜିମ୍ ଟ୍ରାଉଜର ପ୍ୟାଣ୍ଟ ସେପ୍‌ରେ ତିଆରି ହୋଇଥାଏ । ଯେଉଁଥିପାଇଁ ଏହାକୁ ପିନ୍ଧି ଏକ୍ସରସାଇଜ କରିବାକୁ ଝିଅମାନେ ଅସହଜ ମନେ କରନ୍ତି । କିନ୍ତୁ କାର୍ଗୋ ପ୍ୟାଣ୍ଟ ପିନ୍ଧିଲେ ସେପରି କୌଣସି ଅସୁବିଧା ନଥାଏ । ଏହାର ଫାବ୍ରିକ୍ ମୋଟା ହୋଇଥାଏ । ଜିମ୍ ପାଇଁ ମଲ୍ଟି ପକେଟ୍ ଥିବା କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଜିନିଷ ରଖିବାରେ ସହଜ ହୁଏ । କଟନ୍ ଫାବ୍ରିକର କାର୍ଗୋ ଟ୍ରାଉଜର ଜିମ୍ ପାଇଁ ଭଲ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନ୍ୟାୟାଳୟ ଓ ରଥଯାତ୍ରା...

ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଚଳିତବର୍ଷର ଘୋଷଯାତ୍ରା ବନ୍ଦ ହୋଇଛି । ରାଜ୍ୟ ସରକାର ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେର ବିଜେ ହେବେ ନାହିଁ ଏବଂ ବଡ଼ଦାଣ୍ଡରେର ତିନିରଥ ଏବର୍ଷ ଗଡ଼ିବ ନାହିଁ । ଏହା ଜଗନ୍ନାଥପ୍ରେମୀ ଓ ଶ୍ରୀମନ୍ଦିର ପରମ୍ପରା, ରୀତିନୀତି ସହ ଜଡ଼ିତ ଅଗଣରିତ ଲୋକଙ୍କ ମନରେ ଦାରୁଣର ଆଘାତ ଦେଇଛି । ଧର୍ମ ଏବଂ ଧାର୍ମିକ ପରମ୍ପରା, ରୀତିନୀତି ଏକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ । ଅତଏବ ସର୍ବୋଚ୍ଚ ଅଦାଲତଙ୍କ ରାୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ ।

କରୋନା ମହାମାରୀ ଭଳି ସମୟରେ ସମଗ୍ର ଦେଶରେ ଯେଉଁ କଠୋର ଆଇନ ଲାଗୁ ହୋଇଛି ସେଥିରେର ଏଥର ଘୋଷଯାତ୍ରା କରିବା ମୂଳରୁ ସମ୍ଭବ ଲାଗୁନଥିଲା । ଲୋକଙ୍କ ଚାପ ଏବଂ ଅନ୍ୟ କେତେକ କାରଣରରୁ ରାଜ୍ୟ ସରକାର ଥ ଥ ମ ମ ହୋଇ ପ୍ରାରମ୍ଭିକ ସମ୍ପନ୍ନ ହେବା ସତ୍ତ୍ୱେ ଶେଷରେ ମାମଲା ଯେଭଳି ସୁପ୍ରିମକୋର୍ଟକୁ ଗଲା ଓ ସରକାରୀ ଓକିଲ ଯେଉଁଭାବେ ଯୁକ୍ତି ଉପସ୍ଥାପନ କଲେ ସେଥିରୁ ଧାରଣା ସୃଷ୍ଟି ହେଉଛି ଯେ ରାଜ୍ୟ ସରକାର ଏହି ରଥଯାତ୍ରା ଜଞ୍ଜାଳରୁ ମୁକ୍ତି ପାଇବା ପାଇଁ ଅଦାଲତି ବାଟ ଖୋଜୁଛନ୍ତି । ଏବେ ସରକାର ନିଶ୍ଚିତ । ବିକଳ୍ପ ବ୍ୟବସ୍ଥା ନଥିବାରୁ ରଥଯାତ୍ରା ବନ୍ଦ । ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହେଲା ଏବଂ ଅଦାଲତଙ୍କ ରାୟକୁ ବାହାନା କରି ଖସିଯିବାକୁ ବାଟ ମିଳିଲା ।

ଆମେ ଏକଥା କହିବାବେଳେ ରାଜ୍ୟ ସରକାରଙ୍କୁ ପୂରା ଦୋଷ ଦେବା ଅନ୍ୟାୟ ହେବ । କଠୋର ମହାମାରୀ ଆଇନବେଳେ ଧାର୍ମିକ ଉତ୍ସବାନୁଷ୍ଠାନ ଆୟୋଜନ ନ କରିବାର ଯେଉଁ ବ୍ୟବସ୍ଥା ଅଛି ତାହାକୁ ଲଂଘନ କରିବା ଓଡ଼ିଶା ସରକାରଙ୍କ ପକ୍ଷେ ସମ୍ଭବ ନଥିଲା । ଏପରିକି ଅଧ୍ୟାଦେଶ ଆଣି ପୁରୀରେ ରଥଯାତ୍ରା କରିଥିଲେ, ରାଜ୍ୟର ଅନ୍ୟାନ୍ୟ ସ୍ଥାନରେର ଥିବା ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ମଧ୍ୟ ଆପତ୍ତି ଉଠାଇଥାନ୍ତେ । ସବୁ ଭକ୍ତଙ୍କ ପାଇଁ ତାଙ୍କ ଦେବତା ଓ ପରମ୍ପରା ବଡ଼ । ଏ କ୍ଷେତ୍ରରେ ପାତରଅନ୍ତର କରିବା ସମ୍ଭବ ନୁହେଁ । କରୋନା ସଂକ୍ରମଣର କାଳରେ ଏଭଳି କିଛି ପଦକ୍ଷେପ ଅବଶ୍ୟ ଆତ୍ମଘାତୀ ହୋଇଥାନ୍ତା । ରଥଯାତ୍ରା ବନ୍ଦକୁ ନେଇ ସମଗ୍ର ଓଡ଼ିଶା ମତାମତରେ ଅବଶ୍ୟ ଏକ ନୁହେଁ । ଅଦାଲତଙ୍କ ନିଷ୍ପତ୍ତିକୁ ମଧ୍ୟ କେତେକ ପକ୍ଷ ସମର୍ଥନ, ସ୍ୱାଗତ କରୁଛନ୍ତି । ସେମାନେ ଯେ ସମସ୍ତେ ଧର୍ମଦ୍ରୋହୀ ବା ପାପୀ, ଏହା କୁହାଯାଇପାରିବ ନାହିଁ । ଏକ ମହାମାରୀ କାଳରେ ରଥଯାତ୍ରା ଭଳି ଏକ ବିରାଟ ଆୟୋଜନ ତଥା ଜନସମାଗମ ଅବଶ୍ୟ ଭୂତାଣୁ ସଂକ୍ରମଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଆଶଙ୍କା ସୃଷ୍ଟି କରିଥିଲା । ଧର୍ମ ଓ ପରମ୍ପରା ନାମରେ ମହାମାରୀ, ଆଇନ ଓ ବ୍ୟବସ୍ଥାକୁ ଉପେକ୍ଷା କରିବା ସହଜ ନୁହେଁ, ଏକଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆତ୍ମା, ପରମାତ୍ମା, ଅଧ୍ୟାତ୍ମ ଓ ଉପାସନା ଆଦି କ୍ଷେତ୍ରରେ ମଣିଷ ସମ୍ପୃକ୍ତ ହେବାବେଳେ ଜୀବନ ଓ ଶରୀରର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥାଏ । ତାକୁ ବିପନ୍ନ ବା ନ୍ୟୁନ କରି ଧର୍ମାର୍ଜନ ଓ ଅଧ୍ୟାତ୍ମର କି ଲାଭ । ତେଣୁ ତ 'ଶରୀର ଆଦ୍ୟଂ ଖଲୁ ଧର୍ମ ସାଧନଂ' କଥାଟି ଆମ ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଅଛି । କୁହାଯାଉଛି ଶ୍ରୀଜଗନ୍ନାଥ ଏକ ଜୀବନ୍ତ ଦେବତା ଏବଂ ତାଙ୍କର କୌଣସି ନୀତିକାନ୍ତି ଅଟକିବ ନାହିଁ । ଆମକୁ କିନ୍ତୁ ମନେରଖିବାକୁ ହେବ ଯେ ଜଗନ୍ନାଥ ସଂସ୍କୃତିର ଲିଖିତ ଇତିହାସରରେ ପ୍ରଥମଥର ପାଇଁ ଏଥର ରଥଯାତ୍ରା ବନ୍ଦ ହେବାକୁ ଯାଉନାହିଁ । ପୂର୍ବରୁ ଏକାଧିକ ବାର ବିଶେଷ ପରିସ୍ଥିତି ଓ ବୈଦେଶିକ ଆକ୍ରମଣ ସମୟରେ ରଥଯାତ୍ରା ବନ୍ଦ ରହିଛି । ତେଣୁ ଏଥର ଯଦି ଏକ ବିଶେଷ ସଙ୍କଟ ପାଇଁ ଘୋଷଯାତ୍ରା ବନ୍ଦ ରହିଲା ସେଥିପାଇଁ ବିଶେଷ ବ୍ୟସ୍ତ ବିବ୍ରତ ହେବାର ଆବଶ୍ୟକତା ନାହିଁ । ଏହାକୁ ଜଗନ୍ନାଥଙ୍କ ଲୀଳାର ଏବଂ ଅଂଶ ଭାବେ ଧରିନେଇ ସବୁ ତାଙ୍କରି ଇଚ୍ଛା ଉପରେ ଛାଡ଼ି ଦେବା ଉଚିତ । ବିତର୍କ ଅଧିକ ବଢ଼ିବା ଅନାବଶ୍ୟକ । ଏବେ ସଙ୍କଟ କାଳରେ ଏହା ମନ୍ଦ ଫଳ ଦେଇପାରେ । ଏହି ପ୍ରସଙ୍ଗକୁ ନେଇ ଅଯଥା ବାକ୍‌ବିତଣ୍ଡା ଓ ଆରୋପା-ପ୍ରତ୍ୟାରୋପର ଆବଶ୍ୟକତା ନାହିଁ । ବିଧିରକ୍ଷା ମତେ ଯାହା ସମ୍ଭବ ସେତିକି କରାଗଲେ ଭଲ । ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସମ୍ମାନ ଦେବା ଏବଂ ପ୍ରଭୁଙ୍କ ଇଚ୍ଛା ଏହି ରାୟ ମାଧ୍ୟମରେ ପ୍ରକଟିତ ହୋଇଛି ବୋଲି ଗ୍ରହଣ କରିନେଲେ ଦୁଃଖ ଲାଘବ ହେବ । ପ୍ରଭୁ ଅନ୍ତର୍ଯ୍ୟାମୀଙ୍କ ଇଚ୍ଛା ବିନା ଗଛର ପତ୍ରଟିଏ ହଲେନାହିଁ ବୋଲି ଭକ୍ତଙ୍କ ମନରେ ଯେଉଁ ଗଭୀର ବିଶ୍ୱାସ ରହିଛି ସେମାନେ ଏବେ ବ୍ୟବସ୍ଥା ବିରୋଧରେ ବିଷୋଦ୍‌ଗାର ନ'କରରି ଏହାକୁ ପ୍ରଭୁଙ୍କ ଇଚ୍ଛା ଭାବେ ଗ୍ରହଣ କରିନିଅନ୍ତୁ ।




## ଦରଶନ କରି ଚାଲଯିବା ମନ

ଶରତ ଚନ୍ଦ୍ର ଜାଲି

ରଥେ ବସିଛନ୍ତି ମୋ କଳାବାମନ
ଦରଶନ କରି ଚାଲଯିବା ମନ ।
ଆଷାଢ଼ ମାସର ଦ୍ୱିତୀୟାର ଦିନ
ଦରଶନେ ପାପତାପ ବିମୋଚନ ॥

ବାଇଶିପାହାଚେ ହୋଇବେ ପହୁଣ୍ଡ
ଟାହିଆକୁ ବାନ୍ଧି ହଲାଇବେ ମୁଣ୍ଡ ।
ବଡ଼ଦାଣ୍ଡେ ଭକ୍ତ ହୋଇଲେଣି ରୁଣ୍ଡ
ଜୟ ଜଗନ୍ନାଥ କହୁଥାଉ ତୁଣ୍ଡ ॥

ସିଂହଦ୍ୱାରେ ତିନିରଥ ହେଲେ ସଜ
ଚାରେ ଚଢ଼ିଯିବେ ରଥେ ପ୍ରଭୁ ଆଜ ।
ପତିତପାବନ ଉଡ଼େଯାର ଧ୍ୱଜ
ପତିତ ଉଦ୍ଧାର ଯାତ୍ରା ମନ ଭଜ ॥

ଆଗେ ବଡ଼ଭ୍ରାତା ମଝୀରେ ଭଉଣୀ
ପଛରେର ଆସୁଛି ବିଶ୍ୱଚିନ୍ତାମଣି ।
ଶୁଭେ ହରିବୋଲ ହୁଳହୁଳି ଧ୍ୱନି
ନାମ ସଂକୀର୍ତ୍ତନ ଠାବେଠାବେ ପୁଣି ॥

ବଳଗଣ୍ଡିଠାରେ ଅଟକିବ ରଥ
ସାଲବେଗ ଭାବେ ବନ୍ଧା ମୋର ନାଥ ।
ଯେ ଭାବେ ଡାକିଛି ତେଜି ନିଜସ୍ୱାର୍ଥ
ତା' ପାଇଁ ଅଟକିଛନ୍ତି ଜଗନ୍ନାଥ ॥

ଶରଧାବାଲିରେ ଯିବେ ଶରଧାରେ
ପହଞ୍ଚିବେ ଯାଇ ମହାଦେବୀଠାରେ ।
ଗୁଣ୍ଡିଚାବାଡ଼ିରେର ମନ ତା ପିଠାରେ
ଆଡପ ମଣ୍ଡପେ ବସିବେ କୋଠାରେ ॥

ଏହିପରି ନାନା ଦୃଶ୍ୟ ଦେଖିଦେଖି
ଧନ୍ୟ ହେବ ମନ ନିଜ ଚର୍ମଆଖି ।
ଦୟା ରଖିଥିବେ ପ୍ରଭୁ ଚକାଆଖି
ସଂସାର ଜଂଜାଳେ ହେବୁନାହିଁ ଦୁଃଖି ॥


ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧


# ଭାରତର ବିଦେଶ ନୀତିରେ କାହାର ଫାଟୁଛି ଛାତି

ସୌମେନ୍ଦ୍ର ଜେନା

କୋରୋନା ସଂକ୍ରମଣ କାଳର ସଙ୍କଟ ଏବେ ପୃଥିବୀର ପ୍ରାୟ ଅଧିକାଂଶ ଦେଶକୁ ପ୍ରଭାବିତ କରିଛି । ଚୀନର ବୁହାନ ଭୂତାଣୁ ଛୋଟ ବଡ ଅନେକ ଦେଶର ବ୍ୟବସାୟ, ବାଣିଜ୍ୟ, ଜନଜୀବନକୁ କ୍ଷତି ପହଞ୍ଚାଇଛି । ସମସ୍ତେ ଗୋଟିଏ ପଟେ ରୋଗ ସହ ଲଢ଼ିବା ବେଳେ ଅନ୍ୟପକ୍ଷରେ ଲୋକ ଓ ଦେଶକୁ ବଞ୍ଚାଇବାରେ ଲାଗିଛନ୍ତି । ପୃଥିବୀର ଅନେକ ଦେଶରେ ଲକ୍‌ଡାଉନ୍ ଏବଂ ସଟଡାଉନ୍ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅସୁବିଧା ଦେଖାଦେଇଥିବା ସମୟରେ ଭାରତ ଅନେକଗୁଡିଏ ଦେଶକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାହାଯ୍ୟ କରିଆସୁଛି । ନିଜ ଦେଶରେ ରୋଗର ଚିକିତ୍ସା ସହ ମାଳଦୀପ, କାତାର ପରି ଦେଶକୁ ଚିକିତ୍ସକ ଦଳଙ୍କୁ ପଠାଇବା ସହ ଔଷଧ ପ୍ରଦାନ କରିଛି । ମୋଟାମୋଟି ଜାତିସଂଘ ଅନ୍ତର୍ଗତ ୧୯୪ଟି ଦେଶ ମଧ୍ୟରୁ ପ୍ରାୟ ୧୩୦ଟି ଦେଶକୁ ଭାରତ ହାଇଡ୍ରୋକ୍ଲୋରୋକୁଇନ ବଟିକା ସହ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ପଠାଇଛି । ବିଶେଷ କରି ଚିକିତ୍ସା କ୍ଷେତ୍ରରେ ଥିବା ଲୋକଙ୍କ ପାଇଁ ଆବଶ୍ୟକ ପିପିଇ କିଟ୍ ଅଭାବ ଦେଖାଦେଇଥିଲା ବେଳେ ଭାରତ ମାତ୍ର ଦୁଇମାସ ମଧ୍ୟରେ କିଟ୍ ପ୍ରସ୍ତୁତି କ୍ଷେତ୍ରରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି । ତେଣୁ ନିଜ ବିଦେଶ ନୀତି କ୍ଷେତ୍ରରେ ଅନ୍ୟ ଦେଶମାନଙ୍କୁ ସାହାଯ୍ୟ କରି ନିଜର ସଂପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ଭାରତ ସକ୍ଷମ ହୋଇପାରିଛି । ଯେଉଁଠି ଚୀନର ନକଲି କିଟ ଏବଂ ମାସ୍କକୁ ନେଇ ଅନେକ ରାଷ୍ଟ୍ର ଚୀନଠାରୁ କିଣିଥିବା ସାମଗ୍ରୀ ଫେରାଇ ଦେଇଥିବା ବେଳେ ଭାରତ ବିକଳ୍ପ ରାଷ୍ଟ୍ରଭାବେ ସେହିସବୁ ରାଷ୍ଟ୍ରଗୁଡିକୁ ଉନ୍ନତମାନର ସାମଗ୍ରୀ ଯୋଗାଇ ଦେଇ ନୂତନ ବିଶ୍ୱାସ ସୃଷ୍ଟି କରିପାରିଛି ।

କେନ୍ଦ୍ରରେ ଥିବା ମୋଦି ସରକାରଙ୍କ ଏହି ସଫଳ ବିଦେଶ ନୀତି ଯୋଗୁ ଏବେ ଦେଶ ଭିତରେ ଏବଂ ଦେଶ ବାହାରେ ଅନେକ ଲୋକଙ୍କ ଛାତି ଫାଟିବାରେ ଲାଗିଛି । ଭାରତର ସଫଳତା ସେମାନଙ୍କ ଗାତ୍ରଦାହର କାରଣ ହୋଇଛି । ଦେଶ ଭିତରେ ଥିବା ସରକାରଙ୍କ ବିରୋଧୀ ଗୋଷ୍ଠୀ କଂଗ୍ରେସ, କମ୍ୟୁନିଷ୍ଟ ଏବଂ ମୁସଲିମ ଗୋଷ୍ଠୀ ବର୍ତ୍ତମାନର ସଂକ୍ରମଣ ସରକାରଙ୍କୁ ଆକ୍ରମଣ କରିବାପାଇଁ ଏକ ବଡ ସୁଯୋଗ ବୋଲି ଧରି ନେଇଛନ୍ତି । କେନ୍ଦ୍ର ସରକାର ଦେଶର ଅର୍ଥନୀତିକୁ ସଜାଡିବା ପାଇଁ ୨୦ଲକ୍ଷ କୋଟିର ପ୍ୟାକେଜ ଘୋଷଣା କରିବା ଦ୍ୱାରା ବିଦେଶୀ ନିବେଶକାରୀ ଏବଂ ଚୀନରୁ ବାହାରି ଆସିବାକୁ ଚାହୁଁଥିବା କମ୍ପାନୀମାନେ ଭାରତକୁ ଆସିବେ ବୋଲି ସରକାର ଆଶା ରଖିଥିବା ବେଳେ ସରକାରଙ୍କ ଆତ୍ମନିର୍ଭର ପ୍ରୟାସ ସଫଳ ହେବନାହିଁ ବୋଲି ବିରୋଧୀମାନେ ସମାଲୋଚନା କରୁଛନ୍ତି । କ୍ଷମତା ପାଇଁ ଏକଦା ମହାମେଣ୍ଟ ଗଢିଥିବା ବିରୋଧୀମାନେ ସଙ୍କଟ କାଳରେ ଲୋକଙ୍କୁ ସହାୟତା ନକରି ବୟାନବାଜି କରିବାରେ ବ୍ୟସ୍ତ । ସିକିମ୍ ଏବଂ ଲଦ୍ଦାଖ ସୀମାରେ ଚୀନ ସେନାଙ୍କୁ ବିରୋଧ କରିବାକୁ ଯାଇ ଭାରତୀୟ ସେନା ଚୀନା ଯବାନଙ୍କୁ ଆକ୍ରମଣ କରି ଦାନ୍ତ ଭାଙ୍ଗିଦେବା ସହ ସେମାନଙ୍କ ଗାଡିକୁ ମଧ୍ୟ ଭାଙ୍ଗି ପକାଇ ଦେଇଥିଲେ । ଅଥଚ ବିରୋଧୀ ଦଳଗୁଡିକ ଏହାକୁ କେନ୍ଦ୍ର ସରକାରଙ୍କ ଦୁର୍ବଳ ଆଭିମୁଖ୍ୟ କଥା କହି ସମାଲୋଚନା କରିବାରେ ବ୍ୟସ୍ତ । କିନ୍ତୁ ୨୦୧୩ରେ କେନ୍ଦ୍ରରେ ମନମୋହନ ସିଂହଙ୍କ ସରକାର ଥିଲାବେଳେ ବିଦେଶ ସଚିବ ଶ୍ୟାମ ସରଣ ଲଦ୍ଦାଖ ସୀମାରେ ଚୀନାସେନାଙ୍କ ଦ୍ୱାରା ୬୦୦ବର୍ଗ କିମି ଅଞ୍ଚଳ ମାଡିବସିବା ଘଟଣାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ ସେହି ବିଷୟକୁ ମନମୋହନ ଆଦୌ ଗୁରୁତ୍ୱ ଦେଇ ଶୁଣି ନଥିଲେ । ଚୀନ ସରକାରଙ୍କ ପ୍ରତି କଂଗ୍ରେସର ରହିଆସିଥିବା ଦୁର୍ବଳ ଆଭିମୁଖ୍ୟ ଯୋଗୁ ସେହି ଖବର କୌଣସି ସମ୍ବାଦପତ୍ରରେ ମଧ୍ୟ ପ୍ରକାଶ ପାଇ ନଥିଲା, ହେଲେ ଏବେ ଚୀନା ସେନା ଲଦ୍ଦାଖର ଗଲୱାନଭାଲି ଅଞ୍ଚଳରେ ୩ କି.ମି ଭିତରକୁ ଆସିବାପରେ ଭାରତ ସରକାର ସେହି ବିଷୟକୁ ଗୁରୁତ୍ୱ ଦେବା ଯୋଗୁ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଚୀନା ସେନାଙ୍କ ତୁଳନାରେ ଭାରତର ସେନା ଅଧିକ ଆକ୍ରମଣମୁଖୀ ହୋଇଛନ୍ତି । ଡୋକଲାମ ପରି ଏବେ ମଧ୍ୟ କୌଣସି ପ୍ରକାରେ ଚୀନ ସେନାର ଅନୁପ୍ରବେଶକୁ ଗ୍ରହଣ କରିନେବାକୁ ଭାରତୀୟ ସେନା ପ୍ରସ୍ତୁତ ନାହିଁ । ଫଳରେ ଚୀନ ସେନା ଶେଷକୁ ପଛକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । କିନ୍ତୁ ବିରୋଧୀଦଳର ନେତାମାନେ ଭାରତର ନୂତନ ନୀତିକୁ ଗ୍ରହଣ କରିବା ଦୂରେଥାଉ ଭାରତର ସ୍ୱାର୍ଥ ବିରୋଧରେ ଲାଗିପଡିଛନ୍ତି । ନୂଆ ନୂଆ ପ୍ରତିକ୍ରିୟା ବିବୃତ୍ତିମାନ ପ୍ରଦାନ କରି ସାଧାରଣଙ୍କ ମନରେ ସନ୍ଦେହର ଜାଲ ବୁଣିବାରେ ଲାଗିଛନ୍ତି । ଏହି ଗୋଷ୍ଠୀ ଅତୀତରେ ପାକିସ୍ଥାନରେ ଏୟାର ଷ୍ଟ୍ରାଇକ୍‌କୁ ନେଇ ପ୍ରମାଣ ମାଗିବା ସହ ଭାରତୀୟ ସେନାର କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ରାହୁଲ ଗାନ୍ଧିଙ୍କ ଠାରୁ ଆରମ୍ଭ କରି ମୁଲାୟମ ସିଂହ ଯାଦବଙ୍କ ପର୍ଯ୍ୟନ୍ତ ଅନେକ ନେତା ବୃତ୍ତି ନଥିବା ଲୋକର ବିବୃତ୍ତି ପରି ଗଣମାଧ୍ୟମରେ ଜନତାଙ୍କୁ ମିଛ ସନ୍ଦେହ ବାଣ୍ଟି ଆସିଛନ୍ତି । ଏଠାରେ କହିରଖିବା ଠିକ୍ ହେବ ଯେ ଲଦ୍ଦାଖର ଦୌଲତବାଗ ଓ ଲଡି ଠାରେ ଥିବା ବାୟୁସେନା ଘାଟୀ ୧୯୬୨ରୁ ୨୦୦୮ ପର୍ଯ୍ୟନ୍ତ ବ୍ୟବହୃତ ନହୋଇ ପଡିରହିଥିଲା । କିନ୍ତୁ ୨୦୦୮ରେ ବାୟୁସେନା ଏହାକୁ କାର୍ଯ୍ୟକ୍ଷମ କଲାପରେ ତତ୍‌କାଳୀନ କଂଗ୍ରେସ ସରକାର ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ ।

ଏହି ନେତାମାନଙ୍କ ଛଡା ଏମାନଙ୍କ ସମର୍ଥକ ଗଣମାଧ୍ୟମଗୁଡିକ ମୋଦିଙ୍କ ବିଦେଶ ନୀତିରେ ଅଧିକ ବିବ୍ରତ ଥିଲା ପରି ମନେହୁଏ । ବିଶେଷ କରି କମ୍ୟୁନିଷ୍ଟ ବିଗ୍ରହଧାରାର ନିକଟସ୍ଥ ଗଣମାଧ୍ୟମ ଏନ୍‌ଡିଟିଭି, ଏବିପିକୁ ବାଦ ଦେଲେ ଦି ମିଣ୍ଟ, ଦି କ୍ୱିଣ୍ଟ, ଦି ୱାୟାର ପରି ଅନେକ ଅନଲାଇନ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଦେଶନୀତି ବିରୋଧରେ ବ୍ୟାପକ ପ୍ରଚାର ଯୁଦ୍ଧ ଜାରି ରହିଛି । ଚୀନରେ ଯେପରି ସରକାରୀ ମୁଖପତ୍ର ଗ୍ଲୋବାଲ ଟାଇମସ୍, ଦି ଚାଇନା ଡେଲି ପରି ଖବରକାଗଜଗୁଡିକରେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରାଯାଇ ଲେଖାମାନ ପ୍ରକାଶ ପାଉଛି । ଠିକ୍ ସେମିତି ଏହିସବୁ ମିଡିଆଗୁଡିକ ଚୀନ ପ୍ରଶଂସାରେ ଶତମୁଖ ହୋଇ ପ୍ରଚାରରେ ଲାଗିପଡିଛନ୍ତି । ଶେଖର ଗୁପ୍ତା, ରବୀଶ କୁମାର, ଅଭିସାର ଶର୍ମା, ପୁଣ୍ୟପ୍ରସୂନ ବାଜପେୟୀ, ବର୍ଖାଦତ୍ତ, ରାଜଦୀପ ସରଦେଶାଇ, ବିନୋଦ ଦୁଆ, ବରଦାରାଜନଙ୍କ ପରି ଅନେକ ସାମ୍ବାଦିକ ରହିଛନ୍ତି ଯେଉଁମାନଙ୍କୁ ଭାରତର ନୀତି ଏବଂ ବିକାଶଧାରା ଅସହ୍ୟ ହେଉଛି । ଚୀନରେ କାରଖାନା ଖୋଲିବା ଆଗରୁ ଏମାନେ ଆଗତୁରା ଚୀନର କଳ କାରଖାନା ଖୋଲିଗଲା ବୋଲି ପ୍ରଚାର କରିଥାନ୍ତି । ଯେମିତି ଲଦ୍ଦାଖରେ ଚୀନ ସେନା ଅନୁପ୍ରବେଶକୁ ନେଇ ଏମାନେ ଭାରତ ବିରୋଧୀ ଅନେକ ମିଛ ଖବରମାନ ମଧ୍ୟ ପ୍ରକାଶ କରୁଛନ୍ତି । ଯେମିତି ଆମେରିକାରେ ଜଣେ କେହି କହିଲା ଯେ ଭାରତରେ ୪୦କୋଟି ଲୋକ କରୋନାରେ ଜୁନମାସ ସୁଦ୍ଧା ମୃତ୍ୟୁବରଣ କରିବେ । ତେଣୁ ଏନ୍.ଡି.ଟିଭି ସେଠାରୁ ଖବରଟିକୁ ଉଠାଇ ସିଧା ପ୍ରସାରିତ କରିଦେଲା ।

ନୂଆଦିଲ୍ଲୀରେ ଦଙ୍ଗାକୁ ବଢାଇବା କ୍ଷେତ୍ରରେ ଯେପରି ସହରୀ ନକସାଲ୍ ଓ ଉଗ୍ରବାଦୀ ମୁସଲିମ ସମର୍ଥକମାନେ ଆଗରେ ରହିଥିଲେ ସେମିତି ଏସବୁ ଗଣମାଧ୍ୟମଗୁଡିକ ସେହି ଦଙ୍ଗାକୁ ଉସକାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଏବେ ଆମେରିକାରେ ବର୍ଣ୍ଣବିଦ୍ୱେଷ ବିରୋଧୀ ଦଙ୍ଗାଗୋଳ ଲାଗିବା ସମୟରେ ଭାରତରେ ସେମିତି ଦଙ୍ଗା କାହିଁକି ହେଉନାହିଁ ବୋଲି ସାମ୍ବାଦିକ ବିନୋଦ ଦୁଆଙ୍କ ମନରେ ବହୁତ କଷ୍ଟ । ଭାରତର ଲୋକେ ଆମେରିକୀୟମାନଙ୍କ ପରି ଅଧିକାର ସଚେତନ ନୁହନ୍ତି ବୋଲି ସେ ପ୍ରକାଶ କରିବା ସହ ପରୋକ୍ଷରେ ସେଭଳି ଜଳାପୋଡା ଏଠାରେ ହେବା ଉଚିତ୍ ବୋଲି ପ୍ରକାଶ କରୁଛନ୍ତି । କାରଣ ଏଠାରେ ଦଙ୍ଗାଗୋଳ ଲାଗିଲେ ଏହି ସବୁ ବିଭୀଷଣ ଗୋଷ୍ଠୀର ସାମ୍ବାଦିକମାନେ ବିଦେଶୀ ଖବରକାଗଜଗୁଡିକରେ ଗୋଟିଏ ଗୋଟିଏ ଲେଖା ପାଇଁ ଏକଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିବାର ସୁବିଧା ପାଇବେ । ଏମିତି ଅରୁନ୍ଧତୀ ରାୟଙ୍କ ପରି ଲେଖିକାମାନେ ଭାରତ ବିରୋଧୀ ସମ୍ମାନହାନିକର ଲେଖା ଲେଖିବା ପାଇଁ ଅଧିକ ଟଙ୍କା ପାଉଛନ୍ତି । ଭାରତୀୟଙ୍କ ଦ୍ୱାରା ଭାରତର ନିନ୍ଦାଗାନ ହେଲେ ତାହା ଭାରତ ବାହାରେ ପ୍ରଶଂସା ଯୋଗ୍ୟ ହେବ । ଦି ଗାର୍ଡିଆନ, ୱାସିଂଟନ ପୋଷ୍ଟ ନିୟୁକ ଟାଇମସ୍ ପରି ଗଣମାଧ୍ୟମଗୁଡିକ ଏଥିପାଇଁ ଗୋଡଟେକି ବସିରହିଛନ୍ତି । ସେମିତି ଚୀନର ଗଣମାଧ୍ୟମରେ ଭାରତ ବିରୋଧୀ ଲେଖା ଲେଖିବା ପାଇଁ ୨୦୧୩ରୁ ଚୀନ ସରକାର ନିୟମିତ ଭାବେ କେତେକ ଭାରତୀୟ ସାମ୍ବାଦିକଙ୍କୁ ଅର୍ଥ ପ୍ରଦାନ କରି ଆସୁଛି । କାରଣ ଭାରତର ଉତ୍‌ଥାନ, ଆର୍ଥିକ କ୍ଷେତ୍ରରେ ବିକାଶ, ସୁରକ୍ଷାରେ ଶକ୍ତିବୃଦ୍ଧି, ବିଶ୍ୱପଟଳରେ ସହଯୋଗ ବୃଦ୍ଧି , ଶକ୍ତିଶାଳୀ ରାଷ୍ଟ୍ରମାନେ ଭାରତକୁ ପ୍ରଶଂସା କରିବା, ଜାତିସଂଘ ଏବଂ ଜି-୭ ଗୋଷ୍ଠୀରେ ସାମିଲ କରିବାକୁ ଭାରତ ସପକ୍ଷରେ ଆମେରିକାର ଯୁକ୍ତି ଏବେ ଚୀନ ସରକାରଙ୍କ ଗାତ୍ରଦାହର କାରଣ ହୋଇଛି । ଗୋଟିଏ ପଟେ ସାରା ବିଶ୍ୱରେ ଚୀନ ବିରୋଧୀ ମତ ଦାନା ବାନ୍ଧିଥିଲା ବେଳେ ଚୀନା ସାମଗ୍ରୀ ବର୍ଜନ ପାଇଁ ବିଶ୍ୱରେ ସଶକ୍ତ ଜନମତ ସୃଷ୍ଟି ହେବାରେ ଲାଗିଛି । ଏହା ସଫଳ ହେଲେ ଭାରତ ଏଥିରୁ ଅଧିକ ଲାଭବାନ ହେବ ବୋଲି ଚୀନ ଆଶଙ୍କା ପ୍ରକାଶ କରୁଛି ।

ନିକଟରେ ଚୀନ ଗଣମାଧ୍ୟମରେ ଗଲୱାନ ଘାଟୀର ଅଞ୍ଚଳକୁ ନିଜର ବୋଲି କହି ଚୀନା ସାମ୍ବାଦିକମାନେ ବାହାସ୍ଫୋଟ ମାରିବାରେ ଲାଗିଥିଲେ । ଭାରତୀୟ ସେନା କେଉଁଠି ଛିଡା ହୋଇଛନ୍ତି ସେମାନେ ଜାଣିନାହାନ୍ତି ବୋଲି ଚୀନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏଠାରେ କହିବା ଠିକ୍ ହେବ ଯେ ପ୍ରତ୍ୟେକ କମ୍ୟୁନିଷ୍ଟ ଦେଶ ପରି ଚୀନ ଏକ ମିଛୁଆ ଦେଶ । ଚୀନର ରାଷ୍ଟ୍ରପତି ଲି.ଜିନପିଙ୍ଗ ଏବେ ସବୁଆଡୁ ସଣ୍ଢୁଆସୀ ଆକ୍ରମଣର ଶିକାର ହେବା ବେଳେ ଔଷଧ ରାଗରେ ତାଟିଆ କାମୁଡିଲା ପରି ହେଉଛନ୍ତି । ତାଇୱାନ ଓ ହଂକଂ ପ୍ରସଙ୍ଗରେ ଭାରତ ଚୀନକୁ ଖୋଲାଖୋଲି ସମର୍ଥନ ନ କରିବା ଯୋଗୁ ଚୀନ ସରକାର ଭାରତ ସରକାରଙ୍କୁ ନାଲିଆଖି ଦେଖାଇବାକୁ ଯାଇ ସୀମାରେ ଉତ୍ତେଜନା ସୃଷ୍ଟି କରୁଛନ୍ତି । ଏମିତି ଦେଖିବାକୁ ଗଲେ ଅଧିକାଂଶ ପଡୋଶୀ ରାଷ୍ଟ୍ରଗୁଡିକ ସହ ଦୀର୍ଘଦିନ ହେବ ଚୀନର ସୀମା ବିବାଦ ଲାଗିରହିଛି । ଜଳସୀମାକୁ ନେଇ ଭିଏତନାମ, ମାଲେସିଆ, ଫିଲିପାଇନ୍ସ, ଜାପାନ, ଦକ୍ଷିଣ କୋରିଆ, ତାଇୱାନ, ଇଣ୍ଡୋନେସିଆ ଆଦି ଦେଶ ସହ ଚୀନର ବିବାଦ ରହିଛି । ସବୁବେଳେ ସୀମାକୁ ବିବାଦମୁକ୍ତ କରିବା ଏବଂ ପଡୋଶୀରାଷ୍ଟ୍ରକୁ ନାଲିଆଖି ଦେଖାଇବା ଚୀନର ଏକ ପୁରୁଣା ପ୍ରବୃତ୍ତି । ମୋଦି ସରକାର ଜିନପିଙ୍ଗଙ୍କ ଏକ ସଡକ ଯୋଜନା, ଗୋଟିଏ ଚୀନ ନୀତିକୁ ଗ୍ରହଣ କରିନାହିଁ ବରଂ ପାକ ଅଧିକୃତ କାଶ୍ମୀରରେ ସିପେକ୍ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଆସୁଛି । ଏପରିକି ଏହି ଅଞ୍ଚଳ ଭାରତର ଏବଂ ଆଗାମୀ ଦିନରେ ସେସବୁକୁ ଭାରତରେ ସାମିଲ କରିବାକୁ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି ଗୃହମନ୍ତ୍ରୀ ଅମିତ ଶାହା ଦୃଢ଼ ସ୍ୱରରେ ପାର୍ଲିଆମେଣ୍ଟରେ ଘୋଷଣା କରିଛନ୍ତି । ଦୀର୍ଘ ୭୦ବର୍ଷ ଧରି କାଶ୍ମୀରରେ ଇସଲାମିକ ରାଷ୍ଟ୍ରଗଠନର ଯେଉଁ ଦେଶବିରୋଧୀ କାର୍ଯ୍ୟ ସମ୍ବିଧାନର ଆଳରେ ଖୋଲାଖୋଲି ଆଜିଯାଏଁ ଚାଲି ଆସିଥିଲା ତାକୁ ୨୦୧୯ ଅଗଷ୍ଟ ୫ରେ ସରକାର ଶେଷ କରିଦେଇଛନ୍ତି । ଭାରତ ସରକାରଙ୍କ ଧାରା ୩୭୦ ଉଚ୍ଛେଦ ନୀତି ସାରା ବିଶ୍ୱରେ ପ୍ରତିକ୍ରିୟା ସୃଷ୍ଟି କରିବ ଏବଂ ପ୍ରବଳ ରକ୍ତପାତ ହେବ ବୋଲି ଯେଉଁ କାଶ୍ମୀରୀ ନେତାମାନେ ଏକଦା ଭାରତ ସରକାରଙ୍କୁ ଧମକ ଦେଇ ଆସୁଥିଲେ ଏବେ ସେମାନେ ପାଟି ଚୁପ୍ କରି ରହିଛନ୍ତି । ଭାରତୀୟ ସେନା ବାଛି ବାଛି ପାକ୍ ସମର୍ଥିତ ସନ୍ତ୍ରାସବାଦୀଙ୍କୁ ନିୟମିତ ସଫା କରିବାରେ ଲାଗିପଡିଛନ୍ତି । ମୋଦିଙ୍କ କଠୋର ନୀତିକୁ ବିଶ୍ୱର ଅନେକ ବଡ ରାଷ୍ଟ୍ର ସମର୍ଥନ କରିଛନ୍ତି ଏପରିକି ମୁସଲିମ ରାଷ୍ଟ୍ରଗୋଷ୍ଠୀରେ ଏହି ପ୍ରସଙ୍ଗ ପାକ୍ ସରକାର ଉଠାଇଲା ବେଳେ ମାଳଦ୍ୱୀପ ପରି ରାଷ୍ଟ୍ର ବିରୋଧ କରିଛି । ଗୋଟିଏ ପଟେ ମୋଦିଙ୍କ ସମର୍ଥନ ପରେ ବେଲୁଚିସ୍ତାନ ଲୋକେ ପାକ୍ ସରକାର ବିରୋଧରେ ଏକଜୁଟ ହେବା ସହ ବିଶ୍ୱବ୍ୟାପି ଅଭିଯାନ ଜାରି ରଖିଛନ୍ତି । ଏଣେ ପାକ୍ ଅଧିକୃତ କାଶ୍ମୀରରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି । ପାକ୍ ସରକାର ସେଠାରେ ନିର୍ବାଚନ କରିବାକୁ ଘୋଷଣା କଲାରୁ ଭାରତ ପକ୍ଷରୁ ବିରୋଧ କରାଯାଇଛି । ଜାତିସଂଘ ସୁରକ୍ଷା ପରିଷଦରେ ଦୁଇବର୍ଷ ପାଇଁ ଭାରତ ଅସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ ହେବାକୁ ଯାଉଥିବାରୁ ପାକ୍ ସରକାର ଅଧିକ ବିରୋଧର ଯେ ସମ୍ମୁଖୀନ ହେବେ ତାହା ନିଶ୍ଚିତ । ସେଥିପାଇଁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ରାତିଦିନ ମୋଦିଙ୍କ ବିରୋଧରେ ବୟାନ ଦେବାରେ ଲାଗିଛନ୍ତି ।

ମୋଦିଙ୍କ କଠୋର ସନ୍ତ୍ରାସବାଦୀ ବିରୋଧୀ ନୀତି ଯୋଗୁ ଇସଲାମିକ ଜିହାଦି ଗୋଷ୍ଠୀଗୁଡିକ ଅଧିକ ଚିନ୍ତାରେ ରହିଛନ୍ତି । ଜାକିର ନାଏକ ପରି ଦେଶ ବିରୋଧୀ ଜିହାଦି ପ୍ରଚାରକକୁ ମାଲେସିଆ ସୁରକ୍ଷା ଦେବା, କାଶ୍ମୀର ପ୍ରସଙ୍ଗରେ ପାକ୍‌କୁ ସମର୍ଥନ ଦେବା ନୀତିକୁ ମୋଦି ସରକାର ହାତରେ ନମାରି ଭାତରେ ମାରିଲା ପରି ବାଣିଜ୍ୟିକ କଟକଣା ଲାଗୁ କରିବା ଯୋଗୁ ମାଲେସିଆର ରାଷ୍ଟ୍ରପତି ମହାଥୀର ମହମ୍ମଦଙ୍କୁ ଇସ୍ତଫା ଦେବାକୁ ହେଲା । ମାଳଦ୍ୱୀପରେ ଭାରତ ବିରୋଧୀ ୟିମିନଙ୍କ ସରକାରର ପତନ ହେଲା । ତୁର୍କୀର ଠିକା ରଦ୍ଦ ହେଲା । ପାକ୍‌ର ଆର୍ଥିକ ପକ୍ଷଚ୍ଛେଦନ କରାଗଲା । ଆଇଏସ୍‌ଆଇ ପୃଥିବୀରେ ସନ୍ଦେହ ଭିତରକୁ ଆସିଲା । ଏହାବାଦ ଯେଉଁ ମୁସଲିମ ସଂଗଠନ ମୋଦି-ଟ୍ରମ୍ପଙ୍କ ନୂଆଦିଲ୍ଲୀ ଗସ୍ତଦିନ ହିଁ ସଂଗଠିତ ଢଙ୍ଗରେ ଶାହିନବାଦ-ଜାଫରାବାଦକୁ କେନ୍ଦ୍ରକରି ପ୍ରବଳ ଦଙ୍ଗାଗୋଳ ଘଟାଇଲେ ଯେଉଁଥିରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲା, ଏଥିପାଇଁ ଡିସେମ୍ବର ମାସରେ ପିଏଫଆଇ ମାଧ୍ୟମରେ କୋଟି କୋଟି ଟଙ୍କା ବଣ୍ଟା ଯାଇଥିଲା । ଉତ୍ତରପ୍ରଦେଶରୁ ଗାଡିରେ ଆସି ମୁସଲିମ ଗୁଣ୍ଡାମାନେ ମସଜିଦ୍‌ରୁ ସଂଗଠିତ ଢଙ୍ଗରେ ବାହାରି ମୁସଲିମ ବହୁଳ ଅଞ୍ଚଳରେ ହିନ୍ଦୁମାନଙ୍କ ଦୋକାନଗୁଡିକୁ ଲୁଟ କରିଥିଲେ । ଏହା ପଛରେ ପିଞ୍ଜରା ତୋଡ ମହିଳା ଗୋଷ୍ଠୀ, ଜେଏନୟୁ, ଆଲିଗଡ, ଇସ୍ଲାମିଆ ମେଣ୍ଟର ଯୋଜନାରେ ମୁସଲିମ ଛାତ୍ର ଗୋଷ୍ଠୀ ବ୍ୟାପକ ପୋଡାଜଳା ଦିଲ୍ଲୀରେ କଲେ । ଆମ୍ ଆଦମୀ ପାର୍ଟିର ମୁସଲିମ କର୍ପୋରେଟରମାନଙ୍କର ଏହି ଦଙ୍ଗା ପଛରେ ବଡ ଭୂମିକା ରହିଥିଲା । ଏବେ ତଦନ୍ତ ପରେ ସେମାନଙ୍କ ଷଡଯନ୍ତ୍ର ସବୁ ପଦାକୁ ଆସିଲାଣି । ଦେଖିବାକୁ ଗଲେ ଦେଶ ବାହାର ଏବଂ ଦେଶ ଭିତରର ଏହିସବୁ ଗୋଷ୍ଠୀ ଭାରତର ବିଦେଶ ନୀତିକୁ ବିଫଳ କରିବାକୁ ଏବେ ଷଡଯନ୍ତ୍ରରେ ଲାଗିପଡିଛନ୍ତି ।

+ ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର

# ଚିତୋର ଗଡ-ରକ୍ତ ଭିଜାମାଟିର କଥା

ଡାକ୍ତର ସୁରେନ୍ଦ୍ରନାଥ ଦାଶ



ଦେଶପ୍ରେମ ଓ ଆତ୍ମତ୍ୟାଗର ପ୍ରତୀକ ରୂପେ ଭାରତର ଯଦି କେଉଁ ମାଟିକୁ ଗ୍ରହଣ କରାଯାଏ, ତାହାଲେ ତାହା ହେଉଚି ଚିତୋରଗଡ ରକ୍ତ ଭିଜା ପାହାଡିଆ ବକ୍ଷ । ଏହାର ସ୍ୱାଧିନତା ରକ୍ଷା ପାଇଁ କେତେଯେ ବୀର ସନ୍ତାନ ନିଜର ରକ୍ତ ଯେ ତାହା ମାଟିରେ ଢାଳି ଦେଇଛନ୍ତି, ତାହାର ମୁକସାକ୍ଷୀ ରୂପେ ଏହାର ଇତିହାସ ହିଁ ରହିଅଛି । ଏହି ମାଟି ହେଉଛି ଆମେ ଦେଶ ପ୍ରେମର ପ୍ରତୀକ ରୂପେ ଗ୍ରହଣ କରିଥିବା ମହାରାଣା ରାଣାପ୍ରତାପ ଙ୍କ ଜନ୍ମ ମାଟି । ରାଣା ବାପ ରାୱାଲ,ରାଣା କୁମ୍ଭ.ରାଣା ହମିର,ରାଣା ସଂଗ୍ରାମ ସିଂ, ରାଣା ଉଦୟ ସିଂ, ରାଣା ଲକ୍ଷ, ରାଣା ମୁକୁଳ, ମହାବୀର ଚଣ୍ଡ ଓ ଅନ୍ୟାନ ଅନେକ ଶାସକ ନିଜର ଅମିତ ବିରତ୍ୱ ପାଇଁ କାଳବକ୍ଷରେ ଅମ୍ଳାନ ହୋଇ ରହିଛନ୍ତି ।ଏବେବି ରାଜପୁତନାର ହାଟ ବଜାର,ରାସ୍ତାରେ ଭାଟ ଓ ଚାରଣ ମାନେ ସେହି କାହାଣୀ କୁ ଗୀତ ଆକାରରେ ବୋଲି ଲୋକ ଓ ଭ୍ରମଣକାରୀ ଙ୍କ ଆଖିରୁ ଲୁହ ବୁହାଇ ଦିଅନ୍ତି । ରାଜପୁତନାର ଦକ୍ଷିଣ ସୀମାନ୍ତରେ, ବେରାଚ ଓ ଗମ୍ଭୀରା ନଦୀର ମଝିରେ ସମୁଦ୍ର ପତନରୁ ୧୨୯୪ ଫୁଟ ଉଚ୍ଚରେ ପ୍ରାୟ ୨୦୦ହେକ୍ଟର ବା ୨.୫ ବର୍ଗ କିଲୋମିଟର ଆୟତନର ଭାରତ ତଥାଏସିଆର ଏହି ସର୍ବବୃହତ ଦୃର୍ଗର ଭଗ୍ନାବଶେଷ ଆଜମିର ଠାରୁ ୨୫୦ କିମି ଦୂରରେ ଜାତୀୟ ରାଜପଥ ୮ପାର୍ଶ୍ୱରେ ଦେଖାଯାଏ । ଏବେବି ଅନେକ ମନ୍ଦିର, ହ୍ରଦ,ରାଜପ୍ରସାଦ, ଅସ୍ତ୍ରାଗାର, ସୁଡଙ୍ଗ, ଗଡଖାଇର ଚିହ୍ନ ଭ୍ରମଣକାରୀ ମାନଙ୍କୁ ଏହାର ଗୌରବ ମୟ ଇତିହାସକୁ ମନେ ପକାଇ ଦିଏ । ଏହାର ଶାସକ ମାନଙ୍କୁ ରାଣା କୁହାଯାଏ । ଏକଲିଙ୍ଗ ମହାଦେବ ରାଜବଂଶର ଆରାଧ୍ୟ ଦେବତା । ଚିତ୍ରାଙ୍ଗଦ ନାମକ ଜଣେ ମୌର୍ଯ୍ୟ ରାଜା (ମୋରିସ)ଏହି ଦୁର୍ଗ ସ୍ଥାପନ କରିଥିଲେ । ଏହା ୩୦୦ ଖ୍ରିଷ୍ଟପୂର୍ବ ଶତାବ୍ଦୀ ର କଥା । ତାହାପରେ ଏହା ପାରମାର ବଂଶ ଙ୍କ ହାତକୁ ଗଲା । ଗେହଲଟ ବଂଶର ବାପି ରାଓଲ, ଯେକି ପାରମର ରାଜବଂଶର ଜାମାତା ଥିଲେଏହାକୁ ଅଧିକାର କରି ସ୍ୱାଧିନରାଜ୍ୟ ମେବାର ସ୍ଥାପନ କଲେ । ଆରବ ମାନଙ୍କ ର ଭାରତ ଆକ୍ରମଣ ବେଳେ ୭୧୩ ଖ୍ରୀଷ୍ଟାବ୍ଦ ରେ ସେମାନଙ୍କୁ ପରାସ୍ତ କରି ଭାରତ ଅଭ୍ୟନ୍ତରକୁ ପ୍ରବେଶ ରେ ବାଧା ଦେବାରେ ବାପା ସଫଳ ହୋଇଥିଲେ । ଏହାର ପ୍ରତିରକ୍ଷା ପାଇଁ ଚାର କଡରେ ସମୁଦାୟ ୮୪ ଟି ଦୁର୍ଗ ସ୍ଥାପିତ ହେଇଥିଲା । ରାଣା କୁମ୍ଭଙ୍କ ଦ୍ୱାରା ସ୍ଥାପିତ କୁମ୍ଭଲଗଡ ଗୁର୍ଗର ପ୍ରଚୀର ଚିନର ବୃହତ ପ୍ରାଚୀର ପରେ ପୃଥରବୀର ଦୀର୍ଘତମ ପ୍ରାଚୀରର ମାନ୍ୟତା ପାଇଛି । ୨୦୦୩ ମସିହାରେ ୟୁନେସ୍କୋ ଦ୍ୱାରା ଏହା ୱାରଲଡ ହେରିଟେଜରେ ସ୍ଥାନ ପାଇଛି । ମୁସଲମାନଙ୍କର ବାରମ୍ବାର ଆକ୍ରମଣ ଏହି ଦୁର୍ଗ ଉପରେ ହୋଇଥିଲା ।୧୩୦୩ ମସିହାରେ ରାଣା ରତନସିଂ ଶାସକ ଥିଲାବେଳେ, ଆଲାଉଦ୍ଦିନ ଖିଲିଜ, ଦିଲ୍ଲୀ ସୁଲତାନ ଏହାକୁ ଆକ୍ରମଣକରି ଅବରୋଧ କରିଥିଲେ । ଚିତୋରର ଅପରୂପ ସୌନ୍ଦର୍ଯ୍ୟମୟୀ ରାଣୀ ପଦ୍ମିନୀଙ୍କୁ ପାଇବା ପାଇଁ ଏହି ଆକ୍ରମଣ ହୋଇଥିଲା । ପ୍ରଥମ ଥର ବିଫଳ ହୋଇ ଫେରି ଆର ବର୍ଷ କୁ ଏକ ବିଶାଳ ସେନାଧରି ପୁଣି ଆସିଥିଲେ । ଅନେକ ଦିନ ଅବରୋଧ ଚାଲିଲା । ଶେଷ କୁ ପଦ୍ମିନୀ ସମେତ ସମସ୍ତ ମହିଳା ନିଜର ସମ୍ମାନ ବଂଚାଇବା ପାଇଁ ଜହର ବ୍ରତ ପାଳନ କଲେ ଓ ସମସ୍ତ ପୁରୁଷ ମାନେ ଦୁର୍ଗରୁ ବାହାରି ଯୁଦ୍ଧ କରି ପ୍ରାଣପାତ କରି ସେମାନଙ୍କର ପରମ୍ପରା ରକ୍ଷା କଲେ । ପରେ ମହାରାଣା କୁମ୍ଭ ଏହାକୁ ସ୍ୱାଧିନ କରିଥରଲେ । ସେ ସିସୋଦିଆ ରାଜବଂଶ ସ୍ଥାପନ କଲେ । ତାଙ୍କ ସମୟରେ ମେବାର ର ଗୌରବ ଶୀର୍ଷ ରେ ପହଂଚିଥିଲା । ସେ ମାଳବ, ଗୁଜୁରାଟ ଓ ଦିଲ୍ଲୀର ସୁଲତାନ ମାନଙ୍କୁ ବାରମ୍ବାର ପରାସ୍ତ କରିଥିଲେ ଓ ତାହାର ସ୍ମୃତି ସ୍ୱରୁପ ବିଜୟ ସ୍ତମ୍ଭ ଏବେବି ବିଦ୍ୟମାନ । ରାଣା ସଂଗ୍ରାମ ସିଂଙ୍କ ଜୀବନୀ ଆଉଏକ ଗୌରବ କାହାଣୀ । ରାଣା ସଙ୍ଗ ନାମରେ ପରିଚିତ ସେ ମଧ୍ୟ ବାରମ୍ବାର ମୁସଲମାନ ଶାସକ ମାନଙ୍କୁ ପରାସ୍ତ କରିଥିଲେ । କୁହାଯାଏ, ଯୁଦ୍ଧରେ ସେ ଗୋଟିଏ ଆଖି, ଗୋଡ ହରାଇ ଦେହରେ ୮୦ ଟି କ୍ଷତଚିହ୍ନ ବହନ କରିଥିଲେ । ଏକ ହିନ୍ଦୁ ସାମ୍ରାଜ୍ୟ ସ୍ଥାପନ ପାଇଁ ସେ ସବୁ ରାଜପୁତ ରାଜାଙ୍କୁ ଏକାଠି କରିଥିଲେ । ମାତ୍ର ଦେଶର ଦୁର୍ଭାଗ୍ୟକୁ ବାବରଙ୍କ ଦ୍ୱାରା ୧୫୨୭ ମସିହାରେ ଖାନୱା ରଣ କ୍ଷେତ୍ରରେ ପରାସ୍ତ ହେଲେ ଓ ଅଳ୍ପଦିନ ପରେ ମୃତ୍ୟୁ ବରଣ କଲେ । ସେମାନଙ୍କର ମହାଭାରତ ଯୁଗ ର ଯୁଦ୍ଧ ପ୍ରଣାଳି ବାବରଙ୍କର ତୋପ ଓ ବନ୍ଧୁକ ଆଗରେ ତିଷ୍ଠି ପାରିଲା ନାହିଁ । ତାଙ୍କ ମୃତ୍ୟୁ ପରେ ୧୫୩୫ ମସିହାରେ ଗୁଜୁରାଟ ର ସୁଲତାନ ବାହାଦୁର ଶାହା ଚିତୋର ଆକ୍ରମଣ କରି ଧ୍ୱଂସ କରିଦେଲେ ।

ମହାରାଣା ଉଦୟ ସିଂ ସଂଗ୍ରାମ ସିଂଙ୍କର ପୁଅ । ପିତାଙ୍କ ମୃତ୍ୟୁପରେ କୁଚକ୍ରୀ ବନବିର ଠାରୁ ରକ୍ଷା ପାଇବା ପାଇଁ ଧାଇ ପାନ୍ନା ଦ୍ୱାରା ସେ ଦେଶାନ୍ତର ହୋଇଥିଲେ । ପରେ ବୟଃପ୍ରାପ୍ତ ହେଲାପରେ ସିଂହାସନରେ ବସିଲେ । ତାଙ୍କରି ସମୟରେ୧୫୬୭-୬୮ମସିହାରେ ବାଦଶା ଆକବର ମେବାର ଆକ୍ରମଣ କରିଥିଲେ । ୨୦.୧୦.୧୫୬୭ ଦିନ ଏକ ବିଶାଳ ସେନା ନେଇ ଆକବର ଚିତୋର ଦୁର୍ଗ ଅବରୋଧ ଆରମ୍ଭ କଲେ । ରାଣା ଚିତୋର ଭାର ସେନାପତି ଜୟମଲ୍ଲ ଓପୁତା ଙ୍କୁ ଦେଇ ନିଜେ ପରିବାର ସହ ଗୋଗୁଣ୍ଡାକୁ ଚାଲିଗଲେ । ଜୟମଲ୍ଲ ଓ ପୁତ ଙ୍କ ବିରତ୍ୱ ଆଉଏକ କାହାଣୀ ସୃଷ୍ଟିକଲା । ଆକବର ନିଜେ ଉପସ୍ଥିତ ରହି ଚାରିମାସ କାଳ ଦୁର୍ଗ ଅବରୋଧ କଲେ । (କ୍ରମଶଃ)

# ଆସ ପିଇବା ମସଲା ଚା’

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା’ । ପୂର୍ବେ ଏହାକୁ ଔଷଧ ‘କ୍ୱାଥ’ ବା ‘କାଢ଼ା’ ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା’ ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା’ ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା’ ପରିବର୍ତ୍ତେ ଆୟୁର୍ବେଦୀୟ ଚା’ ବା ‘ହର୍ବାଲ୍ ଟି’ ପିଇଲେ ତାହା ଶରୀରକୁ ଫୁର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ ‘ବ୍ୟାକ୍ଟେରିଆ’ ବା ‘ଭାଇରସ୍’ ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା ‘ଏଲର୍ଜୀ’ ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା’ ବା ମସଲା ଚା’ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା’ ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା’ର ଅବତାରଣା ଏଠାରେ କରାଯାଉଛି ।



### ଗୋଲାପ ଚା’ :

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା’ ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



### ଅଦା-ହଳଦୀ ଚା’ :

ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା’ ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



### ମସଲା ଚା’ :

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଳଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ ।

ପୋଦିନା ଚା’ : ଏହା ‘ଆଣ୍ଟି ଅକ୍ସିଡାଣ୍ଟ’ ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା’ ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ । ଯୁଷ୍ଟିମଧୁ ଚା’ : ଯୁଷ୍ଟିମଧୁ ବା ଯାଠି ମହୁ, ଧନ୍ୱନ୍ତରୀ (ଲେମନ୍ ଗ୍ରାସ୍) ଓ ଅଦା, ପୁଦିନା ମିଶା ଚା’ ଶରୀରକୁ ଯଥେଷ୍ଟ ଶକ୍ତି ପ୍ରଦାନ ସହିତ ସ୍ଫୂର୍ତ୍ତି ଦିଏ ଓ ସଂକ୍ରମଣ ବିରୋଧରେ ଲଢ଼େଇ କରେ ।

ତେବେ ଏ ବାବଦରେ କେତୋଟି ସତର୍କତା ରହିଛି । ତାହା ହେଉଛି- କୌଣସି ପ୍ରକାରର ଆୟୁର୍ବେଦୀୟ ଚା’ ବା ମସଲା ଚା’କୁ ଆଲୁମିନିୟମ୍ ବାସନରେ ପ୍ରସ୍ତୁତ ନ କରିବା ଉଚିତ । ଏହାକୁ ବହୁତ ସମୟ ମଧ୍ୟ ସୁଝାଇବା ଉଚିତ ନୁହେଁ । ଖାଦ୍ୟ ସହିତ ବା ଖାଦ୍ୟ ଗ୍ରହଣ ପରେ ଏବଂ ରାତିରେ ଶୋଇବା ପୂର୍ବରୁ ଏପରି ଚା’ ପିଇବା ଆଦୌ ଉଚିତ ନୁହେଁ । କେବଳ ସକାଳେ ଓ ସଂଧ୍ୟାରେ, ଖାଲି ପେଟରେ ଏହି ଚା’ ପିଇବା ଲାଭଦାୟକ ହୋଇଥାଏ ।

## ନାଚି ନ ପାରିବାରୁ ଗାଳି ଶୁଣିଥିଲେ ପ୍ରିୟଙ୍କା

ବଲିଉଡ୍‌ର ସବୁଠାରୁ ଦକ୍ଷ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପ୍ରିୟଙ୍କା ଚୋପ୍ରା । ଅଭିନୟଠାରୁ ଆରମ୍ଭ କରି ନୃତ୍ୟ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇଛନ୍ତି । ନିଜ କାର୍ଯ୍ୟକୁ ନେଇ ସେ ଅନ୍ତର୍ଜାତୀୟ ସ୍ତରରେ ବି ପ୍ରଶଂସା ସାଉଁଟିଛନ୍ତି । ତେବେ ତାଙ୍କ କ୍ୟାରିୟରରେ ଏଭଳି ସମୟ ବି ଆସିଥିଲା, ଯେତେବେଳେ ନାଚି ନ ପାରିବାରୁ ତାଙ୍କୁ ଭୀଷଣ ଗାଳି ଶୁଣିବାକୁ ପଡ଼ିଥିଲା । ଏକ ପୁରୁଣା ସାକ୍ଷାତ୍‌କାର ସମୟରେ ପ୍ରିୟଙ୍କା ଏହା କହିଥିଲେ । ଏହି ଘଟଣା ରାଜ କନ୍‌ୱର୍‌ଙ୍କ ଫିଲ୍ମ ‘ଅନ୍ଦାଜ’ର ଶୁଟିଂ ବେଳର । ଉକ୍ତ ସମୟରେ ସେ ଦକ୍ଷିଣ ଆଫ୍ରିକାରେ ସୁଟିଂ କରୁଥିଲେ । ତାଙ୍କର ସହ-ଅଭିନେତା ଥିଲେ ଅକ୍ଷୟ କୁମାର । ଫିଲ୍ମରେ ତାଙ୍କୁ ଏକ ରୋମାଣ୍ଟିକ୍ ଦୃଶ୍ୟ ଦେବାର ଥିଲା । ପ୍ରିୟଙ୍କା କୁହନ୍ତି, ସେ ପାଖାପାକି ୪୦ଟି ଟେକ୍ ଦେଇଥିଲେ କିନ୍ତୁ ଷ୍ଟେପ୍ ଠି ହେଉ ନଥିଲା । ସରୋଜ ଖାନ୍‌ଙ୍କ ପୁଅ ରାଜୁ ଖାନ୍ କୋରିଓଗ୍ରାଫର ଥିଲେ । ରାଜୁ ରାଗି କରି ମାଇକ୍ ଫୋପାଡ଼ି ଦେଇଥିଲେ ଏବଂ ପ୍ରିୟଙ୍କାକୁ କହିଥିଲେ ପ୍ରଥମେ ଷ୍ଟେପ୍ ଶିଖ ତା’ ପରେ ଆସ । ରାଜୁ ପ୍ରିୟଙ୍କାଙ୍କୁ ଏହା ମଧ କହିଥିଲେ ଯେ, ମିସ୍ ୱାର୍ଲଡ୍ ହୋଇଗଲ ବୋଲି ଭାବନାହିଁ ଯେ, ଅଭିନେତ୍ରୀ ହୋଇଯିବ । ଏହା ପରେ ପ୍ରିୟଙ୍କା ପ୍ରଣ କଲେ ନାଚ ଶିଖିବି ଆସିବି । ବୀରୁ କ୍ରିଷ୍ଣନଙ୍କ ପାଖକୁ ନୃତ୍ୟ ଶିଖିବାକୁ ଗଲେ । ସେଠାରେ ଦିନକୁ ୬ ଘଣ୍ଟା ଅଭ୍ୟାସ କଲେ । ଏହା ପରେ ସେଟ୍‌କୁ ଫେରିଲେ । ସେତେବେଳକୁ ସେ ନାଚରେ ଏତେ ମାତ୍ରାରେ ପ୍ରବୀଣ ହୋଇଯାଇଥିଲେ ଯେ, ସମସ୍ତେ ଆଚମ୍ବିତ ହୋଇଗଲେ ।



## ସଫା ରଖନ୍ତୁ ବିୟୁଟି ପ୍ରଡକ୍ଟସ୍

**ମେକଅପ୍ ବ୍ରଶ୍**

ମେକଅପ୍ ପାଇଁ ବ୍ୟବହୃତ ବ୍ରଶ୍‌କୁ ସଫା କରିବା ଜରୁରୀ । ବ୍ରଶ୍ ଏବଂ ସ୍ୱଞ୍ଜକୁ ସଫା କରିବା ପାଇଁ ଏକ ବଡ଼ ପାତ୍ରରେ ପାଣି ନିଅନ୍ତୁ । ସେହି ପାଣିରେ ବ୍ରଶ୍ ଏବଂ ସ୍ୱଞ୍ଜ ଭିଜାଇ କିଛି ସମୟ ଛାଡ଼ି ଦିଅନ୍ତୁ । ତା’ ପରେ ସଫା ପାଣିରେର ଧୋଇ ନିଅନ୍ତୁ । ଦେଖିବେ ଆପଣଙ୍କ ବ୍ରଶ୍‌ରେ ପୁଣି ପୂର୍ବ ରଙ୍ଗ ଫେରି ଆସିବ । ଯଦି ଅଧିକ ମଇଳା ହୋଇଥାଏ ବୋଲି ଭାବୁଥିବେ ତେବେ ପାଣରିରେ ସାମାନ୍ୟ ଲିକ୍ୟୁଇଡ୍ ଡିଟରଜେଣ୍ଟ ମିଶାଇ ଦେବେ ।



**ଫେସ୍ ପାଉଡର ପ୍ୟାଲେଟ୍ସ**

ମେକଅପ୍ କରିବା ସମୟରେ କିଛି କିଛି ପାଉଡର ପ୍ୟାଲେଟ୍ ଉପରେ ପଡ଼ିଯାଇଥାଏ । ଏହାକୁ ସଫା କରିବା ପାଇଁ ଗୋଟିଏ ସ୍ପ୍ରେ ବୋତଲରେ ସାନିଟାଇଜର ଭରି ନିଅନ୍ତୁ । ଏହାକୁ ପ୍ୟାଲେଟ୍ ଉପରେ ସ୍ପ୍ରେ କରନ୍ତୁ । ଏହା ପରେ କଟନ୍ ସାହାଯ୍ୟରେ ସଫା କରି ନିଅନ୍ତୁ ।

**ମେକଅପ୍ ପେନସିଲ୍ ଏବଂ ସାର୍ପନର**

ମେକଅପ୍ ପେନସିଲ୍ ଏବଂ ସାର୍ପନରକୁ ସଫା କରିବାକୁ ହେଲେ ଏହାକୁ ଆଲକହଲ୍ ଥିବା ଏକ ପାତ୍ରରେ ବୁଡ଼ାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ପରେ କଟନ ପ୍ୟାଡ୍ ସାହାଯ୍ୟରେ ସଫା କରନ୍ତୁ । ଏହି କଟନ୍ ପ୍ୟାଡ୍‌ରେ ଆପଣ ପେନ୍‌ସିଲ୍‌କୁ ମଧ ସଫା କରିପାରିବେ । ସଫା କରିବା ପରେର କିଛି ସମୟ ଖରାରେ ରଖନ୍ତୁ ।

**ଲିକ୍ୱିଡ୍ ଫାଉଣ୍ଡେସନ**

ଫାଉଣ୍ଡେସନ ବୋତଲ ଏବଂବ ନୋଜଲ୍‌କୁ ସଫା କରିବା ଜରୁରୀ । ଏହାକୁ ସଫା ରଖିବା ପାଇଁ ଆଲକହଲ୍ ଭିଜା କଟନ୍‌ର ବ୍ୟବହାର କରନ୍ତୁ । ଯଦି ଆଲକହଲ୍ ଭିଜା କଟନ୍ ପାଖରେ ନାହିଁ ସ୍ୱଞ୍ଜରେ ସାନିଟାଇଜର ଲଗାଇ ବ୍ୟବହାର କରିପାରିବେ ।

**ଲିପଷ୍ଟିକ୍**

ମହିଳାଙ୍କର ମେକଅପ୍ ସାମଗ୍ରୀର ସବୁଠୁ ଅଧିକ ପସନ୍ଦର ଜିନିଷ ହେଉଛି ଲିପଷ୍ଟିକ । ଲିପଷ୍ଟିକ ସଫା କରିବା ପାଇଁ ଆଇସୋପ୍ରୋପିଲ ଆଲକହଲ୍ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଜରୁରି କଥା ଯେ ଆପଣଙ୍କ ଲିପଷ୍ଟିକ୍‌କୁ ଅନ୍ୟ କାହାସହିତ ସେୟାର କରନ୍ତୁ ନାହିଁ ।

## ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ



ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

## ଏକସଙ୍ଗେ ୪ ଶିଶୁ ଜନ୍ମ ଦେଲେ

କରୋନା ସଙ୍କଟ ସମୟରେ ରାଜସ୍ଥାନର ନାଗୌର ଜିଲ୍ଲାରେ ଏକ ଭଲ ଖବର ସାମ୍ନାକୁ ଆସିଛି । ସେଠାକାର ଡିଡଓ୍ୱାନାର ଉତ୍ତମ ହସ୍ପିଟାଲରେ ସଞ୍ଜୁ ଦେବୀ ନାମକ ଜଣେ ମହିଳା ଏକସଙ୍ଗେ ୪ ସନ୍ତାନ ଜନ୍ମ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ୩ ପୁଅ ଓ ଜଣେ ଝିଅ ଅଛନ୍ତି । ସୁସ୍ଥ ଥିଲେ ମଧ ସମସ୍ତଙ୍କ ଓଜନ କମ୍ ଥିବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ସଞ୍ଜୁ ଦେବୀ ଡିଡଓ୍ୱାନାର ଲାଡନୁ ତହସିଲର ଦେବରାଠୀ ଗାଁର ବାସିନ୍ଦା । ତାଙ୍କ ସ୍ୱାମୀ ସେଠାରେ ଦିନ ମଜୁରୀ କରି ପରିବାର ପୋଷଣ କରିଥାନ୍ତି । ବିବାହର ୫-୬ ବର୍ଷ ପରେ ମଧ୍ୟ ସେମାନଙ୍କରର କୌଣସି ସନ୍ତାନସନ୍ତତି ନ ହେବାରୁ ସେମାନେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ । କିଛି ଦିନ ଧରି ଚିକିତ୍ସିତତ ହେବା ପରେ ସଞ୍ଜୁ ଗର୍ଭବତୀ ହୋଇଥିଲେ । ପ୍ରଥମ ଥର ସୋନୋଗ୍ରାଫି କରିବା ପରେ ତାଙ୍କ ଗର୍ଭରେ ୪ ପିଲା ଥିବାର ଜଣାପଡ଼ିଥିଲା । ଏହାପରେ ସଞ୍ଜୁ ଜଣେ ମହିଳା ଡାକ୍ତର ସ୍ୱାତୀ ଅଗ୍ରଓ୍ୱାଲଙ୍କ ନିକଟରେ ପହଞ୍ଚି ତାଙ୍କୁ ଗର୍ଭପାତ କରିବା ଲାଗି ଅନୁରୋଧ କରିଥିଲେ । ସେ ୪ ପିଲାଙ୍କୁ ଏକସଙ୍ଗେ ଜନ୍ମ ଦେଇପାରିବେ ନାହିଁ ବୋଲି କହିଲେ । କିନ୍ତୁ ଡାକ୍ତର ସ୍ୱାତୀ ତାଙ୍କୁ ଗର୍ଭପାତ ପାଇଁ ମନା କରିଥିଲେ ଏବଂ ତାଙ୍କର ମନୋବଳ ବଢ଼ାଇଥିଲେ । ନିୟମିତ ବ୍ୟବଧାନରେ ତାଙ୍କର ଚିକିତ୍ସା ଚାଲିଲା । ଏବେ ସେ ସାଧାରଣ ପ୍ରସବ ମାଧ୍ୟମରେ ୪ ସନ୍ତାନ ଜନ୍ମ ଦେବାର ସଫଳ ହୋଇଛନ୍ତି । ପିଲାଙ୍କୁ କିଛି ଦିନ ଆଇସିୟୁରେ ରଖିବା ପରେ ଡିସ୍‌ଚାର୍ଜ କରାଯିବ ।



## କର୍ନ ସିଙ୍ଗଡ଼ା



ବର୍ଷା ପାଗରେ କିଛି ଚଟ୍‌ପଟା ଖାଇବାକୁ ହୁଏ । ଖାଦ୍ୟ ଶୀଘ୍ର ହୋଇଯାଉଥିବା ସହ ସ୍ୱାଦିଷ୍ଟ ହେବା ଜରୁରୀ । ଏପରି ଏକ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଖାଦ୍ୟ ହେଉଛି କର୍ନ ସିଙ୍ଗଡ଼ା ।

***ପ୍ରସ୍ତୁତି:*** ଏକ ପାତ୍ରରେ ମଇଦା ଏବଂ ୧ ଚାମଚ ତେଲ ପକାଇ ଭଲଭାବେ ମିଶାଇବା ପରେ ଚକଟି ଦିଅନ୍ତୁ । ମକା ମଞ୍ଜିକୁ ଗ୍ରାଇଣ୍ଡରରେ ଦରଦର ଖଣ୍ଡ କରି ସିଝା ଆଳୁ ସହ ଚକଟି ମିଶାଇବେ । ଏହା ସହିତ ମସଲା, ଗରମ ମସଲା, ଲୁଣ, ଧନିଆ ଏବଂ ପୋଦିନା ପତ୍ର ପକାଇ ମିଶାଇ ଦେବେ । ଚକଟା ମଇଦାର ଛୋଟଛୋଟ ଗୁଳା କରି ଗୋଲ୍ କରି ବେଲନ୍ତୁ ଏବଂ ୨ ଭାଗ କରି କାଟିଦେବେ । ଅଧା ଭାଗଟିକୁ ସିଙ୍ଗଡ଼ା ପରି କରି ଆଳୁ ପୁର ଦେଇ ବନ୍ଦ କରିବେ । ନଚେତ୍ ଗୋଟିଏ ଭାଗରେ ଆଳୁ ପୁର ଦେଇ ଆର ଅଧାଟିକୁ ତା’ ଉପରେ ଢାଙ୍କି ସିଙ୍ଗଡ଼ା ପରି ମୋଡି ଦିଅନ୍ତୁ । କଡ଼େଇରେ ତେଲ ଦେଇ ଚୁଲିରେ ବସାଇବା ପରେ ଥଣ୍ଡା ଥିବା ଅବସ୍ଥାରୁ ସିଙ୍ଗଡ଼ା ପକାଇଦେବେ । ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଏହାକୁ ଟାଣିବେ ଏବଂ ମନ ପସନ୍ଦର ଚଟଣି କିମ୍ବା ସସ୍ ସହିତ ପରଷି ଦେବେ ।

***ଆବଶ୍ୟକ ସାମଗ୍ରୀ:***

ମଇଦା-୨ତାଟିଆ, ୨୦୦ ଗ୍ରାମ ସିଝାଆଳୁ, ୩ ବଡ଼ ଚାମଚ ସିଝା ମକା ମଞ୍ଜି(କର୍ନ), କଟା ଧନିଆପତ୍ର ଓ ପୋଦିନା ପତ୍ର-୧ ଚାମଚ ଲେଖାଏଁ, ଭଜା ଜିରା-୧ ଚାମଚ, ଛୋଟ ଚାମଚରେ ୧ ଚାମଚ ଲେଖାଏଁ ଗରମ ମସଲା, ଲଙ୍କା ଗୁଣ୍ଡ ଏବଂ ଆମଚୁର ପାଉଡର, ସ୍ୱାଦାନୁସାରେ ଲୁଣ ଏବଂ ଛାଣିବା ପାଇଁ ତେଲ ।

## ସେଦିନର ବଲିଉଡ୍ : ମୁନ୍ନା ଭାଇ ଏମ୍‌ବିବିଏସ୍

୨୦୦୩ରେ ମୁକ୍ତିଲାଭ କରିଥିଲା ବିଧୁ ବିନୋଦ ଚୋପଡ଼ା ପ୍ରଯୋଜିତ ଏବଂ ରାଜକୁମାର ହୀରାନୀ ନିର୍ଦ୍ଦେଶିତ ‘ମୁନ୍ନା ଭାଇ ଏମ୍‌ବିବିଏସ୍’ । ଦଶ କୋଟି ବ୍ୟୟରେର ନିର୍ମିତ ଫିଲ୍ମଟି ଶହେ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ କରିଥିଲା । କାହାଣୀ ଲେଖିଥିଲେ ନିଜେ ହୀରାନୀ । ତେବେ, ତାହା ପଢ଼ି କୌଣସି ବଡ଼ ପ୍ରଯୋଜକ ଆକର୍ଷିତ ହୋଇ ନଥିଲେ । ଶେଷରେ ବିଧୁ, ନିଜର ପୂର୍ବତନ ସହକାରୀ ହୀରାନୀଙ୍କ ପାଇଁ ପ୍ରଯୋଜକ ବନିଥିଲେ । ଫିଲ୍ମ ସଫଳ ହୋଇଥିଲା । ଗୋଟିଏ ଜାତୀୟ ପୁରସ୍କାର ଏବଂ ଚାରିଟି ଫିଲ୍ମଫେୟାର୍ ପୁରସ୍କାର ଲାଭକରିଥିଲା । ଅନିଲ କପୁର ଓ ଐଶ୍ୱର୍ଯ୍ୟା ରାୟଙ୍କୁ ମୁଖ୍ୟ ଭୂମିକାରେ ନେଇ ହୀରାନୀ ଫିଲ୍ମଟି କରିବା ପାଇଁ ଚାହୁଁଥିଲେ । ସେ ରାଜି ନ ହେବାରୁ ଶାହରୁଖ ଖାନଙ୍କ ସହ ଯୋଗାଯୋଗ କରିଥିଲେ । ସେ ରାଜି ହୋଇଥିଲେ ସତ ଶେଷ ମୁହୂର୍ତ୍ତରେ ଶାରୀରିକ ସମସ୍ୟା ଯୋଗୁଁ ଓହରିଯାଇଥିଲେ । ତାହା ପରେ ବିବେକ ଓବେରାୟଙ୍କୁ ‘ମୁନ୍ନା ଭାଇ’ ଭୂମିକା ଯଚାଯାଇଥଲା । ସେ ସମୟ ଗଡ଼ାଇଚାଲିଥିଲେ । ଶେଷରେ ସଂଜୟ ଦତ୍ତଙ୍କୁ ନେଇ ସୁଟିଂ ଆରମ୍ଭ ହୋଇଥିଲା । ପ୍ରାୟ ଦଶ ବର୍ଷ ପରେ ଏହି ଫିଲ୍ମ ଜରିଆରେ ପୁତ୍ର ସଂଜୟଙ୍କ ସହ ଅଭିନୟ ପାଇଁ ପିତା ସୁନୀଲ ଦତ୍ତ ବଲିଉଡ୍ ଫେରିଥିଲେ । ‘ମୁନ୍ନା ଭାଇ ଏମ୍‌ବିବିଏସ୍’ର କାହାଣୀ ହଲିଉଡ୍ ଫିଲ୍ମ ‘ପ୍ୟାଚ୍ ଆଡାମ୍‌ସ’ (୧୯୯୩)ଛାୟାରେ ଲିଖିତ ।



# ଶୋଚନୀୟ ହେବାରେ ଲାଗିଛି ବନ୍ଧଡିହ-ଗୋଳକୁଣ୍ଡ ନଦୀ ବନ୍ଧ ରାସ୍ତା

ଧର୍ମଶାଳା,୨୧।୬ (ନି.ପ୍ର): ମୌସୁମୀ ଆସିବା ନେଇ ପାଣିପାଗ ବିଶେଷଜ୍ଞ ସୂଚନା ଦେଲେଣି । ଆଗକୁ ଲଗାଣ ବର୍ଷା ହେବାର ସମ୍ଭାବନା ରହିଛି । ଏବଂ ଏହି ବର୍ଷା ଜଳ ପ୍ରଭାବରେ ଅନେକ ଗାଁ ଗଣ୍ଡାର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବ । ବର୍ଷା ପୂର୍ବରୁ ଏହାର ମରାମତି ଆବଶ୍ୟକତା ରହିଛି । ହେଲେ ବର୍ଷା ଆରମ୍ଭରୁ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନ୍ଧଡିହଠାରୁ ଗୋଳକୁଣ୍ଡ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଲାଣି । ଏବେ ଏହାର ମରାମତିର ଆବଶ୍ୟକତା ରହିଛି । ଏହି ନଦୀ ବନ୍ଧ ରାସ୍ତାରେ ଦୈନଦିନ ଶହଶହ ଲୋକଙ୍କର ଏହା ହେଉଛି ମୁଖ୍ୟ ରାସ୍ତା । ଗୋଳକୁଣ୍ଡର ପ୍ରସିଦ୍ଧ ମଙ୍ଗଳା ମନ୍ଦିର ଓ ଏହି ଅଂଚଳରେ ୪ ଗୋଟି ବିଦ୍ୟାଳୟ ସଂଗକୁ ବ୍ରହ୍ମବରଦା ମହାବିଦ୍ୟାଳୟକୁ ଆସୁଥିବା ଅନେକ ଭକ୍ତ ଓ ଛାତ୍ରଛାତ୍ରୀମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ହେଲେ ଏହି ନଦୀ ବନ୍ଧର ମରାମତି ଅଭାବରୁ ଲୋକେ ଯାତାୟତରେ ସୁରକ୍ଷିତ ମଣୁ ନାହାନ୍ତି । ଅନେକ ସ୍ଥାନରେ ଖାଲଖମାରେ ଭର୍ତି ହେବା ସହ ସାଇକେଲ ଚଳାଇଯିବା ସମ୍ଭବ ହେଉନାହିଁ । ଜାରକା ଜଳସେଚନ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କିଛି ଫଳ ମିଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେହି ଫଳ ବୋଲି ଅଭିଯୋଗ ହୋଇଛି ।

## ବିଭିନ୍ନ ସ୍ଥାନରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ

ଧର୍ମଶାଳା,୨୧।୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କର ୯୨ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଧର୍ମଶାଳା ବ୍ଲକ ଜାରକା ଶାନ୍ତିବଜାରଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ କଂଗ୍ରେସର ବରିଷ୍ଠନେତା କିଶାନ ପଣ୍ଡାଙ୍କ ସମେତ ସାମାଜିକ କର୍ମୀ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ରସୁଲପୁର ବ୍ଲକ ମଙ୍ଗରାଜପୁର ଖଣ୍ଡାସଠାରେ ଉତ୍କଳମଣୀ ଗୋପବନ୍ଧୁ କ୍ଲବ ପକ୍ଷରୁ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । କ୍ଲବର ସଭାପତିଙ୍କ ସମେତ ସଭ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଦିନ ଦରିଦ୍ରଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା ।

# ଭଦ୍ରକରେ ଭାଜପାର ଗୃହ ସଂପର୍କ ଅଭିଯାନର ଶୁଭାରମ୍ଭ

ଭଦ୍ରକ, ୨୧/୬(ହି.ସ.) - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତିର ପ୍ରଥମ ପାଳିରେ ଗୃହ ସଂପର୍କ ଅଭିଯାନର ଶୁଭାରମ୍ଭ ଭଦ୍ରକ ବିଜେପି ଜିଲା ସଭାପତି କାଳିଆ ପାଢୀଙ୍କ ଅଧ୍ୟକ୍ଷତାରେ ଭାଜପା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଗୃହ ସଂପର୍କ ଅଭିଯାନର ଆବଶ୍ୟକତା, ସଦସ୍ୟମାନେ କିପରି ଅଭିଯାନକୁ ସଫଳ କରିବେ ସେ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମୋଦିଜୀଙ୍କ ସରକାର ଆଜିଯାଏଁ ଦୀର୍ଘ ଦୁଇବର୍ଷ ଧରି କିପରି ଭାବେ ଓ କେମିତି ଜନସାଧାରଣଙ୍କ ସେବାରେ ରହିଛି ତଥା ଓଡ଼ିଶାର ସାମାଜିକ, ଅର୍ଥନୈତିକ, ଆନୁସଙ୍ଗିକ କ୍ଷେତ୍ରରେ କିପରି ଉନ୍ନତିମୂଳକ କାର୍ଯ୍ୟକ୍ରମ କରିଛି, ତାହା ଆଲୋଚିତ ହୋଇଥିଲା । ଭାଜପାର ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଗରିବ କଲ୍ୟାଣ ଯୋଜନାରେ ଓଡ଼ିଶାର ୪ଟି ଜିଲା ଯଥା ଗଂଜାମ, ଭଦ୍ରକ, ବଲାଙ୍ଗୀର ଓ ବାଲେଶ୍ୱର ଜିଲା ଏହି ଯୋଜନାରେ ସାମିଲ ଥିବା ସୂଚନା ଦେଇଥିଲେ । ଗ୍ରାମା ଲରେ ଜୀବିକା ଯୋଗାଇବାରେ ଏହି ଯୋଜନା ସହାୟକ ହେବ । ଓଡ଼ିଶା ସମେତ ୬ଟି ରାଜ୍ୟର ୧୧୬ ଗ୍ରାମୀଣ ଜିଲାରେ ଏହି ଅଭିଯାନ ଚାଲିବ । ୧୨୫ ଦିନିଆ ଅଭିଯାନରେ ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ମିଳିବା ସହ କୁଶଳୀ ଶ୍ରମିକମାନଙ୍କର ଦକ୍ଷତା ଓ ତାଲିମ୍ ଭି ିରେ ନିଯୁକ୍ତି ମିଳିବ ବୋଲି ସୂଚନା ମିଳିଛି ।

## ଜଙ୍ଘରେ ପଶିଗଲା ବାଉଁଶ, ଯୁବକ ଗୁରୁତର

କେନ୍ଦ୍ରାପଡ଼ା,୨୧।୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ଜଣେ ଯୁବ ସମାଜସେବୀଙ୍କ ଜଙ୍ଘରେ ବାଉଁଶ ପଶିଯିବା ଫଳରେ ସେ ଗୁରୁତର ଭାବରେ ଆହତ ହୋଇଛନ୍ତି । ମିର ମେହେବୁବ୍ ଅଲ୍ଲୀ ଅପରାହ୍ନ ୫ଟା ସମୟରେ ମଟର ସାଇକେଲରେ ନିଜ ଦୋକାନକୁ ଯିବା ବାଟରେ ରଣପଡ଼ା ପୋଲ ନିକଟରେ ଜୈନିକ ବ୍ୟକ୍ତି ଏକ ଗାଡ଼ିରୁ ବାଉଁଶ ଓହ୍ଲାଇବା ସମୟରେ ବାଉଁଶଟି ତାଙ୍କ ଡାହାଣ ଜଙ୍ଘରେ ପଶି ଯାଇଥିଲା । ଗୁରୁତର ଅବସ୍ଥାରେ ମେହେବୁବ୍ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି ।

# ବଦଳିଲେ ବାରିପଦା ବ୍ଲକର ବିବାଦୀୟ ବିଡ଼ିଓ ସରୋଜ କୁମାର ଦାଶ

ବାରିପଦା,୨୧।୬ (ନି.ପ୍ର): ବିଳମ୍ବରେ ହେଲେ ମଧ ଶେଷରେ ବାରିପଦା ବ୍ଲକର ବିବାଦୀୟ ବିଡ଼ିଓ ସରୋଜ କୁମାର ଦାଶ ବଦଳିଲେ । ଜୁନ ୧୯ରେ ବିଡ଼ିଓ ଶ୍ରୀ ଦାଶ ଆକୁଳ ଚନ୍ଦ୍ର ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବାର ଜଣାପଡ଼ିଛି । ସେହିପରି ବାରିପଦା ପୌର ପରିଷଦର ଅତିରିକ୍ତ ଦାୟିତ୍ୱ ମଧ ବିଡ଼ିଓ ଶ୍ରୀନାଏକଙ୍କୁ ହସ୍ତାନ୍ତର କରିଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୬୮୪୦/୨୮.୦୪.୨୦୨୦ ବିଜ୍ଞପ୍ତି ଅନୁସାରେ ବାରିପଦା ବ୍ଲକ ବିଡ଼ିଓ ସରୋଜ କୁମାର ଦାଶଙ୍କୁ ସୁନ୍ଦରଗଡ଼ ଜିଲ୍ଲା ବିର୍ଶା ବ୍ଲକ ବିଡ଼ିଓ ଭାବେ ବଦଳି କରାଯିବା ସଂଗେସଂଗେ ୦୫.୦୫.୨୦୨୦ ପୂର୍ବାହ୍ନଠାରୁ ସେଂଟ୍ରାଲଲି ରିଲିଫ କରାଯାଇ ୦୮.୦୫.୨୦୨୦ରେ ସୁନିର୍ଶ୍ଚିତ ଭାବେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ସେହି ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୯୭୮୩/୧୧.୦୬.୨୦୨୦ ଆଦେଶ ନାମା ଅନୁସାରେ ଆକୁଳଚନ୍ଦ୍ର ନାଏକ ବାରିପଦା ବ୍ଲକ ବିଡ଼ିଓ ଦାୟିତ୍ୱ ଗ୍ରହଣ କରିଥିବା ନିମନ୍ତେ ଜାରି କରାଯାଇଥିବା ଆଦଶେନାମା ଅନୁସାରେ ଶ୍ରୀନାଏକ ବାରିପଦାରେ ପହଁଚି ଶ୍ରୀଦାଶଙ୍କ ନିକଟରୁ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି । ସୂଚନା ଯୋଗ୍ୟ, ଓଏଏସ୍ ସରୋଜ କୁମାର ଦାଶ ବାରିପଦା ବ୍ଲକର ବିଡ଼ିଓ ଭାବେ ୨୦୧୭ ମେ ୪ରେ ଦାୟିତ୍ୱ ଭାର ଗ୍ରହଣ କରିବା ସହିତ ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ସୁବାଶିଷ ମାନସିଂହଙ୍କ ବଦଳି ପରେ ୨୦୧୮ ଜୁନ ୧୪ଠାରୁ ପୌରପରିଷଦର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ମଧ ରହିଆସୁଥିଲେ । ଏହି ସମୟରେ ବାରିପଦା ବ୍ଲକ ଓ ପୌରପରିଷଦରେ ତାଙ୍କର କାର୍ଯ୍ୟ କରିବାର ଶୈଳୀକୁ ନେଇ ଦିନକୁ ଦିନ ବିବାଦ ମଧକୁ ଟାଣି ହୋଇଯାଇଥିଲେ । ବାରିପଦା ବ୍ଲକର ବିଭିନ୍ନ ପିଏସ ସଦସ୍ୟମାନଙ୍କ ଅଭିଯୋଗ ଆଧାରରେ ବିଡ଼ିଓ ଶ୍ରୀଦାଶ ବ୍ଲକରେ ବିଭିନ୍ନ ପ୍ରକାରର ଉନ୍ନୟନ ମୂଳ କାର୍ଯ୍ୟରେ ବାଧକ ସାଜିଛନ୍ତି । ସେହିପରି ବ୍ଲକରେ କରୋନା ମୁକାବିଲା କ୍ଷେତ୍ରରେ ବିଫଳ ହୋଇଥିବାର ସଙ୍ଗୀନ ଆରୋପ ରହିଥିଲା ।

# ମାରଓ୍ୱାଡ଼ି ଯୁବକ ସଂଘ ତରଫରୁ ଶହୀଦଙ୍କୁ ଶ୍ରଦ୍ଧାଳି



ବାରିପଦା,୨୧।୬ (ନି.ପ୍ର):ଚୀନ ଭାରତ ସୀମାରେ ଘଙ୍କିଥିବା ଉତେଜନା ପରିସ୍ଥିତିରେ ସଂଘର୍ଷ ଘଟି ୨୦ ଜଣ ଭାରତୀୟ ସୈନିକ ଶହୀଦ ହୋଇଥିବା ବେଳେ ତନ୍ମଧ୍ୟରୁ ୨ଜଣ ଓଡିଶାର ହୋଇଥିବା ବେଳେ ସେଥିମଧ୍ୟରୁ ଜଣେ ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ସବଡିଭିଜନର ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅନ୍ତର୍ଗତ ବଡଚମ୍ପାଉଦା ଗ୍ରାମର ନନ୍ଦୁରାମ ସୋରେନ (୪୨)ବର୍ଷ ପିତା ସ୍ୱର୍ଗତଃ କାହ୍ନୁ ମାଝି,। ଚୀନ ସୀମାନ୍ତରେ ମଙ୍ଗଳବାର ରାତିରେ ଚୀନ ସୈନ୍ୟଙ୍କ ସହିତ ଘଟିଥିବା ସଂଘର୍ଷରେ ଶହୀଦ ହୋଇଥିବାର ଜଣାଯାଇଛି । ତେବେ ତାଙ୍କର ଶହୀଦ ହୋଇଥିବାର ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶେଷକୃତ୍ୟମଧ୍ୟ ତାଙ୍କ ପୈତୃକ ଗ୍ରାମ ଇଙ୍ଗକ୍ତମ୍ପାଉଦା ଗ୍ରାମରେ ରଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପର୍ଣ୍ଣ ହୋଇଛି । ତେବେ ଏହି ପରିପ୍ରେକ୍ଷୀରେ ମୟୂରଭଂ ବାରିପଦା ସହର ମାରଓ୍ୱାଡ଼ି ଯୁବକ ସଂଘ ପକ୍ଷରୁ ବୀର ସୈନିକ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଳି ଅର୍ପଣ କରାଯାଇଛି । ଏହି ଶ୍ରଦ୍ଧାଳି କାର୍ଯ୍ୟକ୍ରମରେ ବାଣିଜ୍ୟ ସଙ୍ଘର କର୍ମକର୍ତା ଅକ୍ଷୟ ଅଗ୍ରଓ୍ୱାଲ, ଅଙ୍କିତ ଖଣ୍ଡେଲଓ୍ୱାଲ, ବଂଟି ଶର୍ମା, ହର୍ଷ ଖଣ୍ଡେଲଓ୍ୱାଲ, ଅନିରୁଦ୍ଧ ପାତ୍ର, ମାନସ ଦାସ, ସରୋଜ ବୋଷ ପ୍ରମୁଖ ଯୋଗଦେଇ କ୍ୟାଣ୍ଡେଲ ଜଳାଇ ବୀର ସୈନିକଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ଏହି ସଂଘର୍ଷରେ ପ୍ରାଣବଳି ଦେଇଥିବା ସମସ୍ତ ସୈନିକ ମାନଙ୍କ ପାଇଁ ଶ୍ରଦ୍ଧାଳି ଅର୍ପଣ କରାଯାଇଥିବାର ଜଣାଯାଇଛି ।

# ଗଞ୍ଜାମ ଜିଲ୍ଲାରେ ୫୭ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୫୩କୁ ବୃଦ୍ଧି

ଗଞ୍ଜାମ,୨୧।୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ରାଜ୍ୟର ସର୍ବାଧିକ ୫୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୫୩କୁ ବୃଦ୍ଧି ପାଇଛି । ଗତକାଲି ସୁଦ୍ଧା ଏହି ସଂଖ୍ୟା ୭୯୬ ଥିଲା । ନୂଆ ଚିହ୍ନଟ ହୋଇଥିବା ଏହି ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ କ୍ୱାରେଂଟାଇନ ସେଂଟରର ଓ ବାହାର ରାଜ୍ୟ ଫେରନ୍ତା ହୋଇଥିବା ସୂଚନା ମିଳିଛି । ତନ୍ମଧ୍ୟରେ ଆସିକା ବ୍ଲକରୁ ୨ ଜଣ, ବେଲଗୁଣ୍ଠାରୁ ୨, ବ୍ରହ୍ମପୁର ୧, ଭଞ୍ଜନଗର ୨, ଗଞ୍ଜାମ ଜଣେ, ବୁଗୁଡ଼ା ୧, ଜଗନ୍ନାଥପ୍ରସାଦ ୨, କବିସୂର୍ଯ୍ୟନଗର ୨, ପୋଲସରାରୁ ଜଣେ, ସାନଖେମୁଣ୍ଡି ୧, ସୋରଡ଼ା ୪, ଖଲ୍ଲିକୋଟରୁ ଜଣେ ଆକ୍ରାନ୍ତ ରହିଛନ୍ତି । ପୂର୍ବରୁ ଏମାନଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପାଇଁ ପଠାଯାଇଥିଲା । ନମୂନା ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି । ସେହିପରି ଆଜି ଜିଲ୍ଲାରେ ୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଛନ୍ତି । ଇତିମଧ୍ୟରେ ଜିଲ୍ଲାରେ ୬୪୨ ଜଣ ସୁସ୍ଥ ହୋଇଛନ୍ତି । ଆଜିକୁ ମିଶାଇ ଜିଲ୍ଲାରେ ୨୦୫ଟି ସକ୍ରିୟ ମାମଲା ରହିଛି । ବର୍ତମାନ ସୁଦ୍ଧା ଜିଲ୍ଲାରେ ୬ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଶାସନ ପକ୍ଷରୁ ଜିଲ୍ଲାକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ୍ ଘୋଷଣା କରାଯାଇଛି । ସେହିପରି ଶନିବାର ଓ ରବିବାର ସଟ୍ ଡାଉନ୍ ଜାରୀ ରହିଛି ।

## ବିଶ୍ୱ ପିତୃ ଦିବସ ଅବ୍ୟବହିତ ପୂର୍ବରୁ ପିତାଙ୍କୁ ହତ୍ୟା ଦୁଇ ପୁଅଙ୍କ ଆକ୍ରମଣରେ ମାଆ ଗୁରୁତର

ଗଞ୍ଜାମ,୨୧।୬ (ନି.ପ୍ର): ବିଶ୍ୱ ପିତୃ ଦିବସର ଅବ୍ୟବହିତ ପୂର୍ବରୁ ବାପାଙ୍କୁ ହତ୍ୟା କରିଛନ୍ତି ଦୁଇ ପୁଅ । ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ କଳମ୍ବ ଗ୍ରାମରେ । ଆଜି ସକାଳେ ନିଜ ଘରେ ଦୁଇ ପୁଅଙ୍କ ମାଡରେ ବାପା ଅଭିମନ୍ୟୁ ପ୍ରଧାନ (୬୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ମାଆ ଅପସରା ପ୍ରଧାନ ଗୁରୁତର ଆହତ ହୋଇ ପୋଲସରା ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ହତ୍ୟାକାଣ୍ଡ ଘଟାଇଥିବା ବଡପୁଅ ସୁଶାନ୍ତ ପ୍ରଧାନ ଓ ସାନ ପୁଅ ମଙ୍ଗୁଲୁ ପ୍ରଧାନଙ୍କୁ ପୋଲସରା ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି । ମୃତ ଅଭିମନ୍ୟୁଙ୍କ ଶବକୁ ଜବତ କରି ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପ୍ରକାଶ ଥାଉ କି, ପୂର୍ବରୁ ସମ୍ପୃକ୍ତ ଦୁଇ ଭାଇ ତାଙ୍କର ଅନ୍ୟ ଜଣେ ଭାଇଙ୍କୁ ହତ୍ୟା କରି ଜେଲ୍ ଯାଇଥିବା ବେଳେ ଗତ କିଛି ଦିନ ତଳେ ଜାମିନ୍ ରେ ଆସି ବାପାକୁ ହତ୍ୟା କରିଛନ୍ତି । ଏହି ଘଟଣା ଜନସାଧାରଙ୍କୁ ଆଶ୍ଚର୍ଯ୍ୟିତ କରିଛି ।

# ଶ୍ରୀ ବଳଦେବଜୀଉଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ

କେନ୍ଦ୍ରାପଡ଼ା,୨୧।୬ (ନି.ପ୍ର): କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ବଳଦେବଜୀୟୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୫ଟା ରେ ଜୟ ମଙ୍ଗଳା ଆଳତୀ, ନୀତିସ୍ନାନ, ୭ଟାରେ ନ୍ୟାସ ଏବଂ ହୋମ, ପୂର୍ବାହ୍ନ ୯ଟାରୁ ୧୦ ଟା ମଧ୍ୟରେ ବଲ୍ଲଭ ମଣୋହୀ କରାଯାଇଥିଲା । ସେହିପରି ଦିନ ୧୧ଟାରେ ମଙ୍ଗଳାର୍ପଣ ଏବଂ ଦିବା ୧ଟାରେ ଖେଚୁଡୀ ଧୂପ ଲାଗି କରାଯାଇଥିଲା । ସଂନ୍ଧ୍ୟା ୫ଟାରେ ଉଠାଣୀ ଓ ସଂନ୍ଧ୍ୟା ଆଳତୀ ସହିତ ସାଢେ ୯ଟାରେ ବଡ ସିଂହାର ଓ ପହୁଡ ଲାଗି କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ସ୍ନାନ ପୂର୍ଣ୍ଣିମା ଠାରୁ ଶ୍ରୀଜୀୟୁ ମାନେ ଅଣସର ଘରେ ଥିଲେ । ମାତ୍ର କରୋନା ପାଇଁ ଆଜିର ନେତ୍ରୋତ୍ସବ କାର୍ଯ୍ୟକ୍ରମକୁ ଶ୍ରର୍ଦ୍ଧାଳୁ ଭକ୍ତ ମାନେ ଦର୍ଶନ କରିବାରୁ ବଂଚିତ ରହିଥିବା ଜଣା ପଡିଛି ।

# ଧାମରାରେ ଅମାନିଆଙ୍କ ଉପରେ ଲାଗିଲା ଲଗାମ

ଭଦ୍ରକ, ୨୧/୬ (ହି.ସ.) - ଧାମରା ବନ୍ଦରରେ ପ୍ରଥମ ଥର ପାଇଁ ୪ଜଣ କରୋନା ରୋଗୀ ଚିହ୍ନଟହୋଇଥିବା ବେଳେ ଆଜି ଠାରୁ ଧାମରା ଅଂଚଳରେ ଅମାନିଆଙ୍କ ଉପରେ ଲଗାମ ଲଗାଯାଇଛି । ଖବରରୁ ପ୍ରକାଶ ଗତକାଲି ଠାରୁ ଧାମରା ଅଂଚଳରେ ଥିବା ଜେଜେ ହୋଟେଲରୁ ଧାମରା ବନ୍ଦରର ୪ଜଣ କରୋନା ରୋଗୀ ଚିହ୍ନଟ ହେବା ପରେ ଧାମରା , ଦୋସିଙ୍ଗା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ, ବାଂଶଡା, ଫଂଚୁଟିକ୍ରି ଅଂଚଳରେ ଥିବା ଉଦଭ୍ରାନ୍ତ ଯୁବ ଗୋଷ୍ଠୀ ଉପରେ ପୁଲିସ ପ୍ରଶାସନ ଲଗାମ ଲଗାଇବା ସହ ବିନା କାରଣରେ ବାହାରକୁ ବାହାରୁଥିବା ଏହି ଯୁବଗୋଷ୍ଠୀ ମାନଙ୍କୁ ତାଗିଦ କରିଛନ୍ତି ।ତେବେ ପ୍ରଥମ କରୋନା ରୋଗୀ ଚିହ୍ନଟ ପରେ ଏହା ପୁଲିସ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି । ଅମାନିଆ ମାନଙ୍କୁ ବହୁ ତାଗିଦ ସତ୍ୱେ ପୁଲିସ ଏମାନଙ୍କୁ ସମ୍ଭାଳିବା ବହୁ ଦୁରୁହ ବ୍ୟାପାର ହୋଇ ପଡିଥିଲା ।ତେବେ ଆଜିର ଏହି ଖବର ପରେ ଧାମରା, ବାଂଶଡା, ଧାମରା ମେରାଇନ ଥାନାଧିକାରୀ ମାନେ ଅଂଚଳରେ କିପରି ଜନସାଧାରଣଙ୍କୁ ସୁରକ୍ଷା ଦେବେ ତାହା ପ୍ରଶ୍ନବାଚୀ ହୋଇ ପଡିଛି ।

# ଦାୟୀତ୍ୱ ଗ୍ରହଣ ପରେ ନୂତନ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିକ୍ରିୟା : ଦାରିଙ୍ଗବାଡି ବ୍ଲକ ରାଜ୍ୟର ୧ ନମ୍ବର ବ୍ଲକ ହେବ

କନ୍ଧମାଳ,୨୧।୬ (ନି.ପ୍ର): ରାଜ୍ୟରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ବେଶ୍ ସୁନାମ ରହିଛି । ଓଡିଶାର କାଶ୍ମିର ଭାବରେ ଦାରିଙ୍ଗବାଡି ସମସ୍ତଙ୍କ ମନ ଭିତରେ ରହିଛି । ପ୍ରତିବର୍ଷ ଦାରିଙ୍ଗବାଡିକୁ ଲକ୍ଷ ଲକ୍ଷ ସଂଖ୍ୟାରେ ରାଜ୍ୟ ଓ ରାଜ୍ୟ ବାହାର ତଥା ବିଦେଶୀ ପର୍ଯ୍ୟଟକ ମାନେ ଆସୁଛନ୍ତି । ଏଣୁ, ଦାରିଙ୍ଗବାଡି ବ୍ଲକର ଉନ୍ନତି ସହ ବିଶେଷ କରି ଦାରିଙ୍ଗବାଡିରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ କରିବା ପ୍ରଥମ ଲକ୍ଷ୍ୟ ହେବ ବୋଲି ନବନିର୍ବାଚିତ ଦାରିଙ୍ଗବାଡି ବ୍ଲକ ଅଧ୍ୟକ୍ଷା ରୁଦା ମଲିକ କହିଛନ୍ତି । ଏହାବ୍ୟତିତ ଦୁର୍ନିତୀ ରୋକିବା ସହ ଗରୀବ ଲୋକ ଯେପରି ନ୍ୟାୟ ପାଇବେ ସେଥିପ୍ରତି ସେ ଦୃଷ୍ଟି ଦେବେ । ସରକାରଙ୍କ ସମସ୍ତ ଜନହିତକର ଯୋଜନା ଗୁଡିକ ଯେପରି ଗ୍ରାମାଂଚଳରେ ପଂହଚିପାରିବ ସେଥିପ୍ରତି ସେ ନିଜେ ଦୃଷ୍ଟି ଦେବେ ବୋଲି କହିଛନ୍ତି ଅଧ୍ୟକ୍ଷା ରୁଦା ମଲିକ । ଯଦିଓ ସେ ଅଧ୍ୟକ୍ଷା ଭାବେ କମ୍ ସମୟ ରହିବେ ତଥାପି ସୀମିତ ସମୟ ମଧ୍ୟରେ ଜନସାଧାରଣଙ୍କ ପ୍ରିୟଭାଜନ ହେବା ସହ ସମସ୍ତଙ୍କ ଦୁଃଖ ସୁଖରେ ଯେପରି ସାଇ ହୋଇପାରିବେ ସେନେଇ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି । ଦାରିଙ୍ଗବାଡି ଏକ ବଡ ବ୍ଲକ ହେବା ସହ ପ୍ରାୟ ୨୫ଟି ପଂଚାୟତ ରହିଛି ବ୍ଲକରେ । କିଛି ପଂଚାୟତ ଦୁର୍ଗମ ତଥା ମାଓ ଇଲାକାରେ ରହିଥିବା ଫଳରେ ସେହି ପଂଚାୟତ ଗୁଡିକରେ ଆଶାନୁରୂପ ବିକାଶ ହୋଇପାରୁନଥିବା ଯୋଗୁଁ ସେହି ପଂଚାୟତ ଗୁଡିକର ଉନ୍ନତି ଯେପରି ସମ୍ଭବ ହୋଇପାରିବ ତାକୁ ପ୍ରାଥମିକତା ଦେବେ ବୋଲି ଜଣାପଡିଛି । ଗତକାଲି ଶୁକ୍ରବାର ରୁଦା ମଲିକ ନୂତନ ଅଧ୍ୟକ୍ଷା ଭାବେ ଦାୟୀତ୍ୱ ଗ୍ରହଣ କରିଥିଲେ । ଦାୟୀତ୍ୱ ଗ୍ରହଣ ସମୟରେ ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂଙ୍କ ସମେତ ବହୁ ସଂଖ୍ୟାାରେ ସମିତିସଭ୍ୟ, ସରପଂଚ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଅଧ୍ୟକ୍ଷା ଦାରିଙ୍ଗବାଡିର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

## ସିଡିରୁ ପଡ଼ି ଶ୍ରମିକ ଗୁରୁତର

କେନ୍ଦ୍ରାପଡ଼ା,୨୧।୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ଜଣେ ଶ୍ରମିକ କାମ କରୁଥିବା ସମୟରେ ସିଡ଼ିରୁ ଖସି ଗୁରୁତର ଭାବରେ ଆହତ ହୋଇ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ରାଜନଗର ଘଡ଼ିଆ ପଂଚାୟତର ନୂଆ ଗାଁ ଗ୍ରାମର ଶ୍ରମିକ ଧନେଶ୍ୱର ରାଉତ ଶୁକ୍ରବାର ପୂର୍ବାହ୍ନରେ ପଡ଼ୋଶୀ ଘରେ କାମ କରୁଥିବା ସମୟରେ ସିଡ଼ିରୁ ଖସିଯିବା ଫଳରେ ତାଙ୍କର ବାମଗୋଡ଼ରେ ୩୨ଟି ଷ୍ଟିଚ୍ ହୋଇଥିବା ଜଣାପଡ଼ିଛି ।

## ନାବାଳିକା ବଳାତ୍କାରୀକୁ କୋର୍ଟ ଚାଲାଣ

ଭଦ୍ରକ, ୨୧/୬(ହି.ସ.) - ଏହି ଜିଲାର ବାସୁଦେବପୁର ବ୍ଲକ୍ ଅଧୀନସ୍ଥ ନାୟକାଣୀଡିହି ଥାନା ପୁଲିସ୍ ଜନୈକା ନାବାଳିକା ବଳାତ୍କାରୀକୁ ଆଜି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦେବଦତ ବେହେରାଙ୍କ ଘର ପୁରୁଷୋତ୍ତମପୁର ଗ୍ରାମରେ । ଏଠାରେ ସୂଚନାଯୋଗ୍ୟ ଦେବଦ ବୁଧୁବାର ଦିନ ସ୍ଥାନୀୟ ଗ୍ରାମର ଜନୈକା ନାବାଳିକା ଶୋଇଥିବାବେଳେ ତାକୁ ବଳତ୍କାର କରିଥିବା ନେଇ ତାର ମା’ ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ଉକ୍ତ ଘଟଣାରେ କେଶ୍ ନଂ ୬୭/୨୦ ମୂଳେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

# କ୍ୱାରେଣ୍ଟାଇନ କେନ୍ଦ୍ର ଭିତରେ ଜଣଙ୍କର ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

କନ୍ଧମାଳ,୨୧।୬ (ନି.ପ୍ର): ଆଜି କନ୍ଧମାଳ ଜିଲା ବାଲିଗୁଡା ଅନ୍ତର୍ଗତ ବଡଗାଁ ଠାରେ ଥିବା କ୍ୱାରେଣ୍ଟାଇନ୍ ସେଣ୍ଟର ଭିତରେ ଜଣେ ବ୍ୟକ୍ତି ନିଜ ବେକରେ ଚାଦର ବାନ୍ଧି ଆତ୍ମହତ୍ୟା କରିଛି । ତେବେ ଏହି ଆତ୍ମହତ୍ୟାର କାରଣ ଜଣାପଡିନାହିଁ । ମୃତ ଯୁବକ ଜଣକ ତାଙ୍କର ଏକ ହାତଲେଖା ଚିଠି ଛାଡିଯାଇଥିବା ଜଣାପଡିଛି । ସୁଚନା ଅନୁସାରେ ଯୁବକଙ୍କ ଘର ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବୁଦୁଲିପଦର ଗ୍ରାମରେ ବୋଲି ଜଣାପଡିଛି । ଯୁବକ ଗତ ୫ ଦିନ ହେଲା ସେହି ଅସ୍ଥାୟୀ କେନ୍ଦ୍ରରେ ରହୁଥିଲେ । ହେଲେ କୌଣସି କାରଣ ବସତଃ ନିଜ ଶେଜରେ ପଡିଥିବା ଚାଦରକୁ କାଟି ସେଥିରେ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି । ପୁର୍ବରୁ ଯୁବକ ଜଣକ ତୁମୁଡିବନ୍ଧ କୁର୍ତମଗଡରେ ଥିବା କ୍ୱାରେଣ୍ଟାଇନ୍ ସେଣ୍ଟର ରହୁଥିଲେ । କୌଣସି କାରଣ ଯୋଗୁଁ ତାଙ୍କୁ ବଡଗାଁ କ୍ୱାରେଣ୍ଟାଇନ୍ ସେଣ୍ଟରକୁ ଅଣାଯାଇଥିଲା । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି କ୍ୱାରେଣ୍ଟାଇନ୍ ସେଣ୍ଟରରେ ହିଁ ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ତେବେ ମୃତ୍ୟୁ ପୁର୍ବରୁ ଯୁବକ ଜଣକ “ମୁଁ ଈଶ୍ୱରଙ୍କ ପାଖକୁ ଯାଉଛି” ବୋଲି ଉଲ୍ଲେଖ ଥିବା ଏକ ହାତଲେଖା କାଗଜ ଛାଡିଥିବା ନେଇ ବାଲିଗୁଡା ଉପ-ଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କରୋନା ସ୍ଥିତି ସଙ୍ଗିନ — ତିନି ଦିନ ମଧ୍ୟରେ ୫ କରୋନା ଯୋଦ୍ଧାଙ୍କ ସମେତ ୯ ପଜିଟିଭ୍ ଚିହ୍ନଟ, ୧୨ ଲୋକାଲ୍ କେସ୍

### ଗୋଷ୍ଠି ସଂକ୍ରମଣ ଆଶଙ୍କା : ସ୍ଥିତି ପରଖିଲେ ଜିଲ୍ଲାପାଳ

ଗଞ୍ଜାମ,୨୧।୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ କରୋନା ସ୍ଥିତି ସଙ୍ଗିନ ହୋଇପଡିଛି । ଗତ ତିନି ଦିନ ମଧ୍ୟରେ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଗତକାଲି ଆଉ ତିନି ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ସରକାରୀ କର୍ମଚାରୀ, ଜଣେ ନିର୍ବାଚିତ ଲୋକ ପ୍ରତିନିଧି ଏବଂ ଅନ୍ୟ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ପୁଅ ରହିଛନ୍ତି । ତିନି ଦିନ ମଧ୍ୟରେ ୧୨ ଲୋକାଲ୍ କେସ୍ ଚିହ୍ନଟ ହୋଇଥିବାରୁ ଏଠାରେ ଗୋଷ୍ଠି ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଶେରେଗଡ଼ ବ୍ଲକ୍ ନରେନ୍ଦ୍ରପୁର ପଚାଂୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରୁ ତିନି ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ସମ୍ପୃକ୍ତ ଅଂଚଳକୁ ପରିଦର୍ଶନରେ ଯାଇ ସ୍ଥିତି ପରଖିଛନ୍ତି । ଗ୍ରାମବାସୀଙ୍କୁ ଗ୍ରାମରୁ ବାହାରକୁ ନବାହାରିବା ପାଇଁ ଏବଂ ବାହାର ଲୋକଙ୍କୁ ଗ୍ରାମରେ ପ୍ରବେଶ ନକରିବା ପାଇଁ ପରାମର୍ଶ ଦେଇଛନ୍ତି । ସମସ୍ତେ ଘରେ ରହିବା ଏବଂ ପୋଖରୀରେ ଜନସାଧାରଣ ଗାଧୋଇବାକୁ ବନ୍ଦ କରିବା ସହ ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏଥିସହିତ କରୋନାରେ ଆକ୍ରାନ୍ତ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ପରିବାର ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଜିଲ୍ଲାପାଳ । ସେମାନଙ୍କ ସଂସ୍ପର୍ଶରେ ଆସିଥିବା ୧୧ ଜଣଙ୍କୁ ହୋମ୍ କ୍ୱାରେଂଟାଇନରେ ରହିବାକୁ କହିଥିଲେ । ସେହିପରି କୌଣସି ବ୍ୟକ୍ତିଙ୍କୁ ଜ୍ୱର, ଥଣ୍ଡା ହେଲେ ତୁରନ୍ତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଶେରେଗଡ଼ ତହସିଲଦାର ଦୟାସିନ୍ଧୁ ପରିଡା, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ଅନିଲ୍ କୁମାର ବେହେରା ଓ ଡା. ସାଇରାଜ ବେହେରାଙ୍କ ନେତୃତ୍ୱରେ ଦୁଇଟି ଟିମ୍ ରାମଚନ୍ଦ୍ରପୁର ଯାଇ ସାମୁହିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ଯାଂଚ୍ କରିଥିଲେ । ସେହିପରି ବ୍ଲକର ଅଧିକାରୀ ମାନେ ବ୍ରାହ୍ମଣଛାଇ ପଚାଂୟତ ଓ କହଁର ପଚାଂୟତକୁ ଯାଇ କରୋନା ସ୍ଥିତି ସର୍ବେକ୍ଷଣ କରିଛନ୍ତି ।

# ଫୁଲବାଣୀର ପ୍ରଥମ ମହିଳା ଫ୍ଲାଇଙ୍ଗ ଅଫିସର ଭାବେ ବାୟୁସେନାରେ ଯୋଗଦେଲେ ସୁଶ୍ରୀ ସାଇ ପ୍ରଣୀତା

କନ୍ଧମାଳ,୨୧।୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀର ପ୍ରଥମ ମହିଳା ଫ୍ଲାଇଙ୍ଗ ଅଫିସର ଭାବେ ବାୟୁସେନାରେ ଯୋଗଦେଇ ନିଜର ସ୍ୱପ୍ନକୁ ସାକାର କରିଛନ୍ତି ସୁଶ୍ରୀ ସାଇ ପ୍ରଣୀତା ମହାନ୍ତି । ଫୁଲବାଣୀ ସହର କେନ୍ଦୁପଦର ଅଂଚଳର ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ପିଲାଟି ଦିନରୁ ଅଧ୍ୟୟନ ପ୍ରତି ଥିବା ତାଙ୍କର ପ୍ରଗାଢ଼ ଆଗ୍ରହ ତାଙ୍କୁ ଆଜି ଏହି ସଫଳତା ଆଣି ଦେଇଛି । ପିତା ଶଙ୍କର ନାରାୟଣ ମହାନ୍ତି ଏବଂ ମାତା ମିନତୀ ମାହାନ୍ତିଙ୍କର ତୃତୀୟ ସନ୍ତାନ ହେଉଛନ୍ତି ସାଇ ପ୍ରଣୀତା । ତାଙ୍କର ଜେଜେ ବାପା ଭାରତୀୟ ସେନା ବାହିନୀର ଜଣେ ଅବସରପ୍ରାପ୍ତ ନାଏକ । ଏବଂ ତାଙ୍କ ଦାଦା ମଧ ଭାରତୀୟ ସେନାର ମେଜର ପରୀକ୍ଷିତ ମହାନ୍ତି । ଏମାନଙ୍କର ପ୍ରୋତ୍ସାହନ ଓ ତତ୍ୱାବଧାନ ତାଙ୍କୁ ଏହି ଦିଗରେ ଆଗେଇବାରେ ଅନେକ ମାତ୍ରାରେ ସହାୟକ ହୋଇଛି । ନିଜର ପ୍ରାଥମିକ ଶିକ୍ଷା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଶେଷ କରିବା ପରେ ଫୁଲବାଣୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠପଢା ଶେଷ କରି ସେ ସତ୍ୟସାଇ ମହାବିଦ୍ୟାଳୟ ଅନନ୍ତପୁରରେ ନିଜର ସ୍ନାତକ ଏବଂ ପଣ୍ଡିଚେରୀ ସେଂଟ୍ରାଲ୍ ୟୁନିଭରସିଟିରୁ ପଦର୍ଥ ବିଜ୍ଞାନରେ ପୋଷ୍ଟ ଗାଜୁଏସନ୍ ଶିକ୍ଷା ଶେଷ କରିଥିଲେ । ପରେ ଭାରତୀୟ ବାୟୁ ସେନାରେ ଯୋଗଦେବା ନିମନ୍ତେ ମନ ନିବେଶ କରିଥିଲେ । ଏହାପରେ ଭାରତୀୟ ବାୟୁସେନାର ଡୁଣ୍ଡିଗାଲ ଏକାଡ଼େମୀରୁ ଆଜି ଗ୍ରାଜୁଏଟ୍ ଭାବେ ଉତୀର୍ଣ୍ଣ ହୋଇ ଭାରତୀୟ ବାୟୁସେନାରେ ଜଣେ ଫ୍ଲାଇଙ୍ଗ ଅଫିସର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସମସ୍ତ ପରିବାରବର୍ଗଙ୍କ ସମେତ ଫୁଲବାଣୀ ବାସୀ ଗର୍ବ ଅନୁଭବ କରୁଛନ୍ତି ।

# ମୟୁରଭଂଜ କଲେଜ ଅଫ୍ ଏକାଉନେଟନସି ଏଣ୍ଡ ମେନେଜମେଂଟରେ ବିଶ୍ୱ ଯୋଗ ଦିବସ ପାଳିତ




ବାରିପଦା ,୨୧।୬ (ନି.ପ୍ର): ଅନ୍ତରାଷ୍ଟ୍ରିୟ ଯୋଗଦିବସ ଅବସରରେ ବାରିପଦା ମହାରାଜପୁରସ୍ଥିତ ମୟୁରଭ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟରେ ବିଶ୍ୱ ଯୋଗ ଦିବସ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏମ.ଏସ.ଡବ୍ଲ୍ୟୁ ବିଭାଗର ପ୍ରଫେସର ଶୁଭେନ୍ଦୁ କୁମାର ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ନିଜ ବକ୍ତବ୍ୟରେ କହିଥିଲେ ଯେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ହୋଇଥାଏ । ତେଣୁ ସମସ୍ତ ଛାତ୍ରଛାତ୍ରୀ ନିୟମିତ ଯୋଗ କରିବା ପାଇଁ ଉପଦେଶ ଦେଇଥିଲେ । ସେହିପରି ମୟୁରଭ ବାୟୋଲୋଜିକାଲ ରିସର୍ଚ୍ଚର ଏକଜିକ୍ୟୁଟିଭ ଡାଇରେକ୍ଟର ସମୀର କୁମାର ସାହୁ ଏବଂ କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଧ୍ୟାନ ଓ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ । ପ୍ରୋଗ୍ରାମ ଅଫିସର ବିଜୟା ନାୟକ ସମସ୍ତଙ୍କୁ ଯୋଗ ଦିବସ ଉପଲକ୍ଷେ ସ୍ୱାଗତ କରିବା ପରେ ସ୍ୱେଚ୍ଛାସେବୀ ଚନ୍ଦନ ଶତପଥୀ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ । କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହର୍ଷି ମହେଶ ଯୋଗୀଙ୍କ ଭାବାତିତ ଧ୍ୟାନର ଉପକାରିତା ଉପରେ ଆଲୋକପାତ କରିବା ସହିତ ସାମାଜିକ ଦୂରତା ରକ୍ଷା କରି ସମସ୍ତଙ୍କୁ ପ୍ରାଣାୟମ ଓ ଧ୍ୟାନ ଅଭ୍ୟାସ କରାଇଥିଲେ । ସ୍ୱେଚ୍ଛାସେବୀ ତନୁଶ୍ରୀ ସାମଲ, ସଂଗ୍ରତା ସରେନ, ବିଶ୍ୱବନ୍ଦିତା ସାହୁ, ସରସ୍ୱତୀ ବିଶ୍ୱାଳ, ଚନ୍ଦ୍ରଶେଖର ପାଲ, ତାପସ ଜେନା, ଅଭିଷେକ ପାତ୍ର, ସପନ କୁମାର ଦତ, ଅଭିଜିତ ଧରମହାପାତ୍ର, ପିନାକି ପ୍ରିୟଦର୍ଶିନୀ ବିଶ୍ୱାଳ, ଜଗନ କୁମାର ନାୟକ ଓ ଚନ୍ଦନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଅନ୍ୟତମ ପ୍ରୋଗ୍ରାମ ଅଫିସର ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସାଗରୀକା ପଣ୍ଡା, ସବିତାରାଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏବର୍ଷ ସ୍ୱାଭାବିକଠାରୁ ....

ଜଗତସିଂହପୁର, ପୁରୀ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡା ଏବଂ ନବରଙ୍ଗପୁର ଜିଲ୍ଲାରେ ୨୧ ତାରିଖ ସୁଦ୍ଧା ୧୯ ପ୍ରତିଶତ ଅଧିକ ବର୍ଷା ହୋଇଛି । ସେହିପରି ମୟୁରଭଂଜ, ଭଦ୍ରକ,କେନ୍ଦୁଝର,ଅନୁଗୁଳ, ନୟାଗଡ, କଳାହାଣ୍ଡି, କନ୍ଧମାଳ,ଗଂଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରିଏବଂ ବରଗଡ ଜିଲ୍ଲାରେ ସ୍ୱାଭାବିକ ଠାରୁ ୫୯ ପ୍ରତିଶତ ଅଧିକ ବର୍ଷା ହୋଇଛି । ଗତ ୨୪ ଘଂଟା ମଧ୍ୟରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ସର୍ବାଧିକ ୧୯୫ ମିମି ବର୍ଷା ରେକର୍ଡ କରାଯାଇଛି । ସେହିପରି ବେଲଗାଁ (ବଲାଙ୍ଗୀର)ରେ ୧୩୮ମିମି, ସୁନ୍ଦରଗଡରେ ୧୦୮ ମିମି , ଚନ୍ଦନପୁର(ମୟୁରଭଂଜ) ରେ ୧୦୩.୮ ମିମି, ଲାଇକିରା (ଝାରସୁଗୁଡା) ରେ ୧୦୩ ମିମି , କେସିଙ୍ଗା (କଳାହାଣ୍ଡି) ରେ ୧୦୨ ମିମି, ଯୁଜୁମରା (ସମ୍ବଲପୁର) ଏବଂ ଟିଟିଲାଗଡ (ବଲାଙ୍ଗୀର)ରେ ୯୭ ମିମି ବର୍ଷା ରେକର୍ଡ ହୋଇଛି ।

### ରଥଯାତ୍ରା ପାଇଁ ....

ଚିଠିରେ ଯାହା ଦର୍ଶାଇଛନ୍ତି ତାକୁ ସେ ସମର୍ଥନ କରିଛନ୍ତି । ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟକୁ ଦିଆଯାଇଥିା ତଥ୍ୟ ଯେ ୧୦ ରୁ ୧୨ ଲକ୍ଷ ଲୋକ ସମାଗମ ହେବେ ତାହା ଭୁଲ୍ ବୋଲି କହିଥିଲେ । ମନ୍ଦିର ପରିଚାଳନା କମିଟି ଓ ଛତିଶାନିଯୋଗ କମିଟିର ମିଳିତ ବୈଠକରେ ରଥଯାତ୍ରା କରିବା ପାଇଁ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦେବା ଲାଗି ଅନୁରୋଧ କରିବା ପାଇଁ ନିଷ୍ପତି ନିଆଯାଇଥିଲା ।

# ହିମାଚଳରେ ୪୦୫ କରୋନା ରୋଗୀ ସୁସ୍ଥ : ହାର ୬୨ ପ୍ରତିଶତ

ଶିମଳା,୨୧।୬ (ନି.ପ୍ର) : ହିମାଚଳ ପ୍ରଦେଶରେ କରୋନା ସଂକ୍ରମଣ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲେ ମଧ୍ୟ ପ୍ରତିଦିନ ଏହି ରୋଗରୁ ସୁସ୍ଥ ହୋଇ ରୋଗୀ ଘରକୁ ଫେରୁଛନ୍ତି । ରାଜ୍ୟରେ ଏବେ ସୁଦ୍ଧା ୬୫୬ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଯେଉଥିରୁ କି ୪୦୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୁସ୍ଥ ହାର ୬୨ ପ୍ରତିଶତ ଅଟେ । ରାଜ୍ୟରେ କରୋନା ଭାଇରସ ସଂକ୍ରମଣରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ଏହି ସବୁ ଲୋକ ଦେଶର ଅନ୍ୟ ସ୍ଥାନରୁ ଫେରିଥିଲେ ଏବଂ ସେମାନେ ଗୁରୁତର ରୋଗରେ ପୀଡ଼ିତ ଥିଲେ । ହିମାଚଳରେ କରୋନା ସଂକ୍ରମଣର ପ୍ରଥମ ଘଟଣା ୧୯ ମାର୍ଚ୍ଚରେ ସାମନାକୁ ଆସିଥିଲା । ୪ ମଇକୁ ସରକାର କରୋନାମୁକ୍ତ ଘୋଷଣା କରିବାର ଥିଲା । ଏହା ମଧ୍ୟରେ ରାଜ୍ୟ ସରକାର ଦ୍ୱାରା ନିଆଯାଇଥିବା ମାନବୀୟ ଦୃଷ୍ଟିକୋଣରୁ ପାଖାପାଖି ୨ ଲକ୍ଷ ହିମାଚଳବାସୀଙ୍କୁ ଅନ୍ୟ ରାଜ୍ୟରୁ ଫେରାଇ ଅଣାଯାଇଥିଲା । ଏହି ରାଜ୍ୟରୁ ଫେରିଆସିଥିବା ବ୍ୟକ୍ତି ମାନଙ୍କ ଯୋଗୁଁ କରୋନା ସଂକ୍ରମଣ ବୃଦ୍ଧି ଘଟିଥିଲା । ଜଣେ ସରକାରୀ ମୁଖପାତ୍ର ରବିବାରଦିନ କହିଥିଲେ ଯେ, କରୋନା ଭାଇରସ ସଂକଟରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ନେତୃତ୍ୱରେ ହିମାଚଳ ପ୍ରଦେଶର ପଡ଼ୋଶୀ ରାଜ୍ୟ ଏବଂ ଦେଶର ବଡ଼ ରାଜ୍ୟର ତୁଳନାରେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାରେ ସଫଳ ପ୍ରୟାସ କରିଛନ୍ତି । ଲକଡାଉନ ଫଳରେ କରୋନା ସଂକ୍ରମଣ ମାମଲାରେ ହିମାଚଳ ପ୍ରଦେଶ ଦେଶର ଭଲ ପରିସ୍ଥିତିରେ ଅଛି ବୋଲି ପ୍ରମାଣ କରିଛି । ସରକାରୀ ମୁଖପାତ୍ର କହିଛନ୍ତି କି ଏକାନ୍ତବାସ ଅନୁସାରେ ହିଁ ବାହାର ରାଜ୍ୟରୁ ଫେରୁଥିବା ବ୍ୟକ୍ତି ମାନଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଉଛି । ପ୍ରବାସୀ ହିମାଚଳବାସୀ ଏବଂ ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟରେ ୧୪ଦିନ କଡ଼ା କ୍ୱାରେନଟାଇନ ଅବଧି ପାଳନ କରାଯାଉଛି । ଏଥିଯୋଗୁଁ କରୋନା ବିସ୍ତାର କରିବା ହାର କମ୍ ରହିଛି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାହାର ରାଜ୍ୟରୁ ଆସିଥିବା ଲୋକ ମାନଙ୍କ ସମ୍ପର୍କୀୟ ମାନଙ୍କୁ ସାମାଜିକ ଦୂରତା ବିଷୟରେ ଅବଗତ କରାଇଥିଲେ । ଏଥି ସହିତ ବାହାର ରାଜ୍ୟରୁ ଆସିଥିବା ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଏମାନଙ୍କ ଯାତ୍ରାର ପୁର ବିବରଣୀ ନିଆଯାଇଥିଲା । ମୁଖପାତ୍ରଙ୍କ କହିବା ଅନୁସାାରେ ସରକାର ୨୦୨୦ ଏପ୍ରିଲ ଠାରୁ ଅକ୍ଟିଭ କେସ ପାଇବା ପାଇଁ ଅଭିଯାନ ଆରମ୍ଭ କରିଥିଲେ । ୧୬ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଏବଂ ଆଶା କାର୍ଯ୍ୟକର୍ତ୍ତା ଘର ଘର ବୁଲିଲେ । ରାଜ୍ୟରେ ଇନଫ୍ଲୁଏନଜା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନକୁ ସ୍ୱାଗତ କରିଥିଲେ ଏବଂ ଅନ୍ୟ କିଛି ରାଜ୍ୟରେ ଆପଣାଇଥିଲେ ।

# ଭୁବନେଶ୍ୱରରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ : ସୁସ୍ଥ ହେଲେ ୭

ଭୁବନେଶ୍ୱର,୨୧।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହି ମାମଲାକୁ ମିଶାଇ ଭୁବନେଶ୍ୱରରେ ବର୍ତମାନ ସୁଦ୍ଧା ୧୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅପରପକ୍ଷରେ ସମାନ ଦିନରେ ୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ମୋଟ ସୁସ୍ଥଙ୍କ ସଂଖ୍ୟା ୯୩କୁ ବୃଦ୍ଧି ପାଇଛି । ବିଏମସି ପକ୍ଷରୁ ଏନେଇ ଟୁଇଟ୍ କରି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ରବିବାର ଚିହ୍ନଟ ଆକ୍ରାନ୍ତ ଜଣକ ଭୁବନେଶ୍ୱର ନିଳାଦ୍ରୀବିହାର ଅଂଚଳର ୭୩ ବର୍ଷୀୟ ପୁରୁଷ । ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ପୂର୍ବରୁ ଚିହ୍ନଟ ଜଣେ ପଜିଟିଭ୍ ଙ୍କ ସଂସ୍ପର୍ଶରେ ଆସି ସେ ସଂକ୍ରମିତ ହୋଇଥିଲେ । ସେହିପରି ସୁସ୍ଥ ହୋଇଥିବା ୭ ଜଣଙ୍କ ମଧ୍ୟରେ ରହିଛନ୍ତି ପାତ୍ରପଡା କ୍ରୀଷ୍ଣାବିହାର ଅଂଚଳର ୪ ବର୍ଷର ଶିଶୁ , ନ୍ୟୁ ଫରେଷ୍ଟ ପାର୍କ ଅଂଚଳର ୨୯ ବର୍ଷୀୟ ପୁରୁଷ, ୟୁନିଟ୍ -୫ ୧୨୦ ବାଟାଲିୟନ୍ ନିକଟରେ ରହୁଥିବା ୪୭ ବର୍ଷୀୟ ପୁରୁଷ , ଡୁମଡୁମା ସୁବାସନଗର ବସ୍ତିର ୨୯ ବର୍ଷୀୟ ପୁରୁଷ । ଏମାନଙ୍କ ବ୍ୟତୀତ ଭୁବନେଶ୍ୱର ଏମସ୍ ନିକଟସ୍ଥ ପାତ୍ରପଡା ଅଂଚଳର ଗୋଟିଏ ପରିବାରର ୩୧ ଓ ୩୦ ବର୍ଷୀୟା ମହିଳା ଏବଂ କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳିତ ହସ୍ପିଟାଲର ୨୫ ବର୍ଷୀୟା ଛାତ୍ରୀ ମଧ୍ୟ ସୁସ୍ଥ ହୋଇଛନ୍ତି ।

ବର୍ତମାନ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୮୫ ରହିଥିବା ବେଳେ ୯୩ ଜଣ ସୁସ୍ଥ ହୋଇଛନ୍ତି । ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮୮ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି ।

# ସହିଦଙ୍କ ପାଇଁ ବିଜେପିର ଶ୍ରଦ୍ଧାଞ୍ଜଳି



ନୀଳଗିରି ,୨୧।୬ (ନି.ପ୍ର): ନୀଳଗିରି ବିଜେପି ଶାଖା ତରଫରୁ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ଚୀନ ସୀମାରେ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ୫ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଚୀନ ସମସ୍ତ ଜିନିଷକୁ ସମ୍ପୁର୍ଣ୍ଣ ରୂପେ ବର୍ଜନ କରିବା ସହ ଚୀନ ଜିନିଷ ବ୍ୟବହାର ନକରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟାକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, ରାଜିବ ମହାପାତ୍ର, ମନୋରଂଜନ ବେହେରା, ରାଧାଗୋବିନ୍ଦ ଖଟୁଆ, ଶୁଭ୍ରାଂସୁ ଶେଖର ନନ୍ଦ, ଟୁକୁ ଆଚାର୍ଯ୍ୟ, ଆନନ୍ଦ ମିଶ୍ର, ସରସ୍ୱତୀ ନନ୍ଦ, ମାନିଆ ଦ୍ୱିବେଦି, କାଲୁ ପରିଡା, କାହ୍ନୁ ପରିଡା, ଅସୁହା ପ୍ରଧାନ, ଭଗବାନ ଦାସ, କରୁଣାକର ପଣ୍ଡା, ଅଭୟ ମିଶ୍ର, ଅକ୍ଷୟ ବେହେରା, ପ୍ରଫୁଲ୍ଲ ଦଳେଇ, କୈଳାସ ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ନୀଳଗିରି,୨୧।୬ (ନି.ପ୍ର) : ଜନୈକ ନାବାଳିକାକୁ ଯୁବକ ଜଣକ ଅପହରଣ କରିଥିବା ନେଇ ପରିବାର ପକ୍ଷରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲା ଏନେଇ ପୋଲିସ ୪୦/୨୦ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ବରହମପୁର ଥାନା ଅଧିନସ୍ଥ ପଥର ଗୁମୁରା ଗ୍ରାମର ଜନୈକ ନାବାଳିକାକୁ ନୀଳଗିରି ଥାନା ଅଧିନସ୍ଥ ବିଟୁ ସାହି ଗ୍ରାମର ଶୁକୁରାସିଂର ପୁତ୍ର ଶିବ (୨୨) ଗତ ୨୫/୦୫/୨୦୨୦ ରିଖ ଦିନ ରାସ୍ତାରୁ ନାବାଳିକକୁ ଅପହରଣ କରିନେଇଥିଲେ ।

# 'ମହାପ୍ରଭୂଙ୍କ ପ୍ରସିଦ୍ଧ ରଥଯାତ୍ରା ନିମିତ ସମସ୍ତ ପ୍ରତିବନ୍ଧକ ଦୂର କରାଯାଉ' : ବିଶ୍ୱ ହିନ୍ଦୁ ପରିଷଦ

ନୂଆଦିଲ୍ଲୀ, ଭୁବନେଶ୍ୱର,୨୧।୬ (ନି.ପ୍ର) : ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ନିମିତ୍ତ ସମସ୍ତ ପ୍ରତିବନ୍ଧକ ଦୂର କରାଯାଉ ବୋଲି ଦାବି କରିଛି ବିଶ୍ୱ ହିନ୍ଦୁ ପରିଷଦ । ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ସାଧାରଣ ସଂପାଦକ ଶ୍ରୀ ମିଳିନ୍ଦ ପାରାନ୍ଦେ କହିଛନ୍ତିଯେ ମହାପ୍ରଭୂ ଜଗନ୍ନାଥଙ୍କର ଏହି ପାରମ୍ପରିକ ଘୋଷଯାତ୍ରା ଶହଶହ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ସନାତନୀ ହିନ୍ଦୁଧର୍ମର ଧାର୍ମିକ ରୀତିନୀତି ସହ ପାଳନ ହେଇ ଆସୁଛି ।ଏବର୍ଷ ମଧ୍ୟ ମହାମାରୀ କରୋନା ସତ୍ତ୍ୱେ , ସାଧାରଣ ନିୟମବଦ୍ଧତା ଭିତରେ ପବିତ୍ର ବଡଦାଣ୍ଡରେ ଏହା ମଧ୍ୟ ପାଳନ କରା ଯାଇପାରିବ । ଏଥି ନିମିତ ଶାସନରେ ଥିବା ରାଜ୍ୟ ସରକାର ଆବଶ୍ୟକୀୟ ଭିତିଭୂମି ପ୍ରଦାନ କଲେ , ଉପୁଜି ଥିବା ଦ୍ୱନ୍ଦ ବା ଅନିଶ୍ଚିତତାର ଅବସାନ ଘଟିବ । ବର୍ତମାନ କରୋନାର ଏହି ଘଡିସନ୍ଧି ମୂହୁର୍ତରେ ରଥଯାତ୍ରାରେ ଲକ୍ଷଲକ୍ଷ ଭକ୍ତଙ୍କ ସହୃଦ ଉପସ୍ଥିତି ଆଦୌ ସମ୍ଭବ ନୁହେଁ । ଏଣୁ ମାନ୍ୟବର ସୁପ୍ରିମକୋର୍ଟଙ୍କୁ ଅନୁରୋଧ ଯେ ରଥଯାତ୍ରା ବାବଦ ନିଷ୍ପତିର ପୁନର୍ବିଚାର କରନ୍ତୁ ବୋଲି ସେ କହିଛନ୍ତି । ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ସାଧାରଣ ସଂପାଦକ ଏହା ମଧ୍ୟ କହିଛନ୍ତି ଯେ : ଓଡିଶା ସରକାରର ଆତ୍ମିକ ତଥା ପ୍ରମୁଖ ଦାୟୀତ୍ୱ ଏହି ପାରମ୍ପରିକ ଘୋଷଯାତ୍ରାକୁ କିପରି ସୁଚାରୁ ରୂପେ ସଂପାଦନ କରାଯାଇପାରିବ । ଏମିତିକି ମାନ୍ୟବର ସୁପ୍ରିମକୋର୍ଟ ସାମ୍ନାରେ ରଥଯାତ୍ରା ସମ୍ବନ୍ଧୀୟ ସଠିକ୍ ଯୁକ୍ତି ସମ୍ବଳିତ ତଥ୍ୟ ଉପସ୍ଥାପନରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଏଣୁ ମାନ୍ୟବର ସୁପ୍ରିମକୋର୍ଟ ରଥଯାତ୍ରା ସମ୍ବନ୍ଧରେ ଚୂଡାନ୍ତ ନିଷ୍ପତି ନେବା ପୂର୍ବରୁ ସମସ୍ତ ପକ୍ଷ ଯେମିତିକି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଓ ଛତିଶା ନିଯୋଗ କମିଟିକୁ ବି ଶୁଣିବାର ଥିଲା । ଏପିରିକି ପ୍ରତୀକାତ୍ମକ ଭାବେ ମଧ୍ୟ ହାତୀ,ଯାନ୍ତ୍ରିକ ଉପକରଣ ତଥା ସେବାୟତ ସମୂହଙ୍କର ଜରୁରୀ କୋଭିଡ୍ ଟେଷ୍ଟ କରାଯାଇ ଏହାକୁ ନିୟମବଦ୍ଧତା ଭିତରେ ସଂପାଦିତ କରାଯାଇପାରିବ ! ଶେଷରେ ମହାପ୍ରଭୂଙ୍କ ଅଭିପ୍ସୁ ଭକ୍ତଗଣ ଏହି ଆଶା ଆଶଙ୍କାରେ ଅଛନ୍ତି ଯେ ଏହି ପାରମ୍ପରିକ ଆବହମାନ ଘୋଷଯାତ୍ରାକୁ ରୋକାଗଲେ ଏହା ଶ୍ରୀମନ୍ଦିରର ବୈଭବଶାଳୀ ଧାର୍ମିକ ପରମ୍ପରା , ସନାତନୀ ହିନ୍ଦୁ ଧର୍ମର ରୀତିନୀତି ତଥା ଆସ୍ଥାବିଶ୍ୱାସର ଇଚ୍ଛାବିରୁଦ୍ଧ ହସ୍ତକ୍ଷେପ ହେବ ବୋଲି ସେ କହିଛନ୍ତି ।

# ପୂର୍ବତଟ ରେଳପଥ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଭୁବନେଶ୍ୱର,୨୧।୬ (ନି.ପ୍ର): ଆୟୁଷ୍ ମନ୍ତ୍ରଣାଳୟର "ଘରେ ଯୋଗ" ପାଇଁ ପ୍ରଦାନ କରିଥିବା ନିୟମାବଳୀ ଅନୁସାରେ ପୂର୍ବ ତଟ ରେଳପଥ ପକ୍ଷରୁ "ଆନ୍ତର୍ଜାତିକ ଯୋଗ ଦିବସ" ପାଳିତ ହୋଇଯାଇଛି । କୋଭିଡ୍-୧୯ ମହାମାରୀର ସମସ୍ତ ନିତୀନିୟମକୁ ପାଳନ କରିବା ସହ ସାମାଜିକ ଦୂରତ୍ୱ ବଜାୟରଖି, ପୂର୍ବ ତଟ ରେଳପଥର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଘରେ ରହି ଯୋଗ କରିବାକୁ ଉତ୍ସାହିତ ହୋଇଥିବାର ଏବଂ ଏହି ଯୋଗାଭ୍ୟାସ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ହେବା ସଂଗେ ସଂଗେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ, ମାନସିକ ଚାପରୁ ଉପଶମ ହେବ ଓ ମନରେ କଲ୍ୟାଣକାରୀ ଚେତନାର ଜାଗ୍ରତ ହୋଇ ପାରିବ । ଜନ ସମାବେଶକୁ ଏଡ଼ାଇବା ପାଇଁ କର୍ମଚାରୀ ଓ ଅଧିକାରୀମାନଙ୍କୁ ସେମାନଙ୍କ ନିଜ ନିଜ ଘରେ ପରିବାର ସହ 'ଯୋଗ' କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର ଏବଂ ସମସ୍ତ ପ୍ରମୁଖ ମୁଖ୍ୟ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବାସଭବନରେ ଯୋଗାଭ୍ୟାସ କରିଥିଲେ । କୋଭିଡ୍-୧୯ ନିୟମକୁ ମାନି ଅନ୍ୟ ରେଳ କର୍ମଚାରୀ ଓ ଅଧିକାରୀମାନେ ନିଜ ନିଜ ପରିବାର ସହ ନିଜ ବାସଭବନରେ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୦ ପାଳନ କରିଥିଲେ । ଏହି ଆନ୍ତର୍ଜାତିକ ଯୋଗ ଦିବସ ପୂର୍ବ ତଟ ରେଳପଥର ପରିସୀମା ଅନ୍ତର୍ଗତ ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧାରୋଡ଼, ସମ୍ବଲପୁର ଏବଂ ୱାଲଟିୟର ଠାରେ ସମସ୍ତ ନିୟମ ପାଳନ କରି ଘରେ ଯୋଗାଭ୍ୟାସ କରାଯାଇଥିଲା । ଏହି ଅବସରରେ ପୂର୍ବ ତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟାଭୂଷଣ ସମସ୍ତ ରେଳ କର୍ମଚାରୀ ଓ ଅଧିକାରୀଙ୍କୁ ସୂଚନା ଦେଇ କହିଥିଲେ, "ଯୋଗ ହେଉଛି ଏକମାତ୍ର ଅବଲମ୍ବନ ଯାହା ଜଣକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିପାରିବ । ଏହା ମଧ୍ୟ ବର୍ତମାନ କରୋନା (କୋଭିଡ୍-୧୯) ସହ ଲଢ଼େଇ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ।"

# ସହିଦ୍ ବୀର ଯବାନଙ୍କ ଅମର ଆତ୍ମାର ସଦଗତି ପାଇଁ କେସରିଆ ହିନ୍ଦୁବାହିନୀ ଜିଲ୍ଲା କମିଟି ପକ୍ଷରୁ କ୍ୟାଣ୍ଡେଲ୍ ପ୍ରଜ୍ୱଳନ ଓ ମୌନ ବ୍ରତ

ବାରିପଦା,୨୧।୬ (ନି.ପ୍ର): କେସରିଆ ହିନ୍ଦୁ ବାହିନୀର ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଏବଂ ଉପସଭାପତି ଅବନୀ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସନ୍ଧ୍ୟା ୭ ଘଟିକା ସମୟରେ ଚୀନ୍ ସୀମାନ୍ତରେ ସହିଦ୍ ହୋଇଥିବା ବୀର ଜବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି କ୍ୟାଣ୍ଡେଲ୍ ପ୍ରଜ୍ୱଳନ ଓ ମଉନ ବ୍ରତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏଥିରେ ଜିଲ୍ଲା ମହିଳା ସଭାପତି ଶୁଭାବତୀ ଓତା, ଦୀପକ ମଲ୍ଲିକ, ସଂଜୟ କୁମାର ପଣ୍ଡା, କଳ୍ପତରୁ ରାୟବାବୁ, ସୁବ୍ରତ ମୁଖି, ନିକମ କୁମାର, ଆଲୋକ ପଣ୍ଡା, ସୁମିତ୍ରା ଘୋଷ, ମମତା ମଣ୍ଡଳ, ସେବତୀ ବେହେରା, ନନ୍ଦିନୀ ବେହେରା, ସୁମିତ୍ରା ଦାସ, ମଧୁମିତା କର, ମିଥୁନ କୁମାର ରାମ, ସନୁ ଖଣ୍ଡେଲୱାଲ୍, ମନୋଜ କୁମାର ବେହେରା, ସଂଜୟ ଭୂୟାଁ, ସମୀର ବେହେରା ପ୍ରମୁଖ ଯୋଗଦାନ ଦେଇ ସର୍ବ ପ୍ରଥମେ ସହିଦ୍ ଜବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ଏବଂ ସମସ୍ତ କର୍ମୀ ବନ୍ଦେ ମାତରମ୍, ଭାରତ ମାତା କି ଜୟ, ବୀର ଯବାନ୍ ଅମର ରହେ ଇତ୍ୟାଦି ସ୍ଲୋଗାନ ଦେବା ସଙ୍ଗେସଙ୍ଗେ ସହିଦ୍ ବୀର ଯବାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଫଟୋଚିତ୍ର ସମ୍ମୁଖରେ କ୍ୟାଣ୍ଡେଲ ଜଳାଇ ଥିଲେ ଏବଂ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସହିଦ୍‌ମାନଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ଭଦ୍ରକ ରେଳବାଇ ପୁଲିସ୍‌ର ବଡ ସଫଳତା : କୋଇଲା ମାଫିଆ ସହ ଦୁଇ ଡ୍ରାଇଭର ଗିରଫ, ୩ ଗାଡି ଜବତ

ଭଦ୍ରକ,୨୧।୬ (ନି.ପ୍ର) : କଳାହୀରା ଭାବେ ପରିଚିତ କୋଇଲାର ଚୋରା ଚାଲାଣ ଭଦ୍ରକ ଜିଲାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ଧାମରା ବନ୍ଦରରୁ ରେଳପଥ ଦେଇ ଏହି କଳାହୀରା ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରକୁ ରପ୍ତାନୀ ହେଉଥିବାବେଳେ ଏହାର ସୁଯୋଗ ନେଉଛନ୍ତି ରେଳଧାରଣା ପାର୍ଶ୍ୱ ଗ୍ରାମର କେତେକ ଅସାଧୁ ଗ୍ରାମବାସୀମାନେ । ଏଥିରେ ସହଯୋଗ କରୁଛନ୍ତି ବହୁ ବଡବଡ କୁଖ୍ୟାତ କୋଇଲା ମାଫିଆମାନେ । ଏ ଦିଗରେ ସେମାନଙ୍କୁ କେତେକ ଥାନାର ଅସାଧୁ କର୍ମଚାରୀମାନେ ସହଯୋଗ କରୁଥିବାର ନଜିର ମଧ୍ୟ ରହିଛି । ବିଗତ ଦିନରେ ଏଥିନେଇ ଜିଲାର ବହୁ ବଡ ବଡ ପୁଲିସ୍ ଅଧିକାରୀଙ୍କ ନାମ ଚର୍ଚ୍ଚାକୁ ଆସିଥିବାବେଳେ ଜନୈକ ଅବସରପ୍ରାପ୍ତ ଜିଲା ଆରକ୍ଷୀ ଅଧିକ୍ଷକ (ଯେକି ଅବସର ପରେ ଧାମରା ବନ୍ଦରର ଚୋରା କୋଇଲା ବନ୍ଦ ଦିଗରେ ସିକ୍ୟୁରିଟି ଅଧିକାରୀ ଭାବେ ଅବସ୍ଥାପିତ ଥିଲେ) ସଂପୃକ୍ତ ଥିବାର ଜଣାପଡିବା ପରେ ତାଙ୍କୁ ଉକ୍ତ ଚାକିରୀ ହରାଇବାକୁ ପଡିଥିଲା । ଏଥିସହ ଏହି କୋଇଲା ମାଫିଆଙ୍କ ସହ ସଂପୃକ୍ତ ରହିଆସିଥିବା ପ୍ରାୟ ୧୨ ଜଣ ପୁଲିସ୍ କର୍ମଚାରୀଙ୍କୁ କଳା ତାଲିକାଭୁକ୍ତ କରାଯାଇ ବଦଳି କରାଯାଇଥିଲା । ତେବେ ଏହି କୋଇଲା ଚୋରା ଚାଲାଣ ହ୍ରାସ ପାଇବା ପରିବର୍ତେ ବଢିବାରେ ଲାଗିଛି । ମଝିରେ ମଝିରେ ପୁଲିସ୍ ଏମାନଙ୍କୁ ଧରୁଥିଲେ ମଧ୍ୟ ସୁଧୁରୁନାହାଁନ୍ତି ମାଫିଆମାନେ । ତେବେ ଆଜି ଏକ କୋଇଲା ମାଫିଆ ସହ ୩ଟି ଗାଡି ଭଦ୍ରକ ରେଳବାଇ ପୁଲିସ୍ ହାତରେ ଧରାପଡିଛି । ଏଥିନେଇ ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଧାମରା ରେଳପଥରେ ଟ୍ରେନ୍ ଯୋଗେ ଆସୁଥିବା କୋଇଲାକୁ ଚୋରି କରି ଏହି ମାଫିଆ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରୁଥିଲା । କୌଣସି ସୂତ୍ରରୁ ଖବର ପାଇ ଭଦ୍ରକ ରେଳବାଇ ପୁଲିସ୍ (ଆରପିଏଫ୍) ଏକ ଜାଲ ବିଛାଇଥିଲା । ଏବଂ ଆଜି ଚୋରା କୋଇଲା ବୋଝେଇ ଏକ ୧୨ ଚକିଆ, ୪୦୭ ଟ୍ରକ୍ ସହ ପିକ୍‌ଅପ୍ ଭ୍ୟାନ୍ ଯାଉଥିବାବେଳେ ଭଦ୍ରକ ରେଳବାଇ ପୁଲିସ୍, ସିଆଇବି ଯାଜପୁର ଓ ଏସ୍‌ଟିଏଫ୍ ମିଳିତ ଭାବେ ଚଢାଉ କରି ଏହାକୁ ଜବତ କରିଥିଲେ । ଏହି ଚଢାଉରେ ଯାଜପୁର ଟାଉନ୍‌ର ରମେଶ ଚନ୍ଦ୍ର ବିଶ୍ୱାଳ, ନିଶିତ କୁମାର ଦ ଓ ସୂର୍ଯ୍ୟକାନ୍ତ ଘଡେଇ ଗିରଫ ହୋଇଥିବାର ଜଣାପଡିଛି ।

# ଗଜପତି ଓ ଶଙ୍କରାଚାର୍ଯ୍ୟଙ୍କ ଅନୁରୋଧକୁ ପାଳନ କରନ୍ତୁ ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୨୧।୬ (ନି.ପ୍ର): ରଥଯାତ୍ରା ଓ ଶ୍ରୀମନ୍ଦିର ପରିଚାଳନାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ବିଶେଷ ଭୂମିକା ରହିଛି । ଏ ଦୁଇ ଆସ୍ଥା କେନ୍ଦ୍ର ଯେଉଁ ଅନୁରୋଧ ଓ ଅପେକ୍ଷା ରଖୁଛନ୍ତି ରାଜ୍ୟ ସରକାର ତାହାକୁ ପାଳନ କରନ୍ତୁ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗତକାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରସଙ୍ଗରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏକ ବିସ୍ତୃତ ପତ୍ର ଲେଖିଛନ୍ତି । ଗଜପତି ମହାରାଜ ରାଜ୍ୟ ସରକାରଙ୍କୁ ଯେଉଁ ଅନୁରୋଧ କରିଛନ୍ତି ଓ ଅପେକ୍ଷା ରଖିଛନ୍ତି ରାଜ୍ୟ ସରକାର ଏହାକୁ ରକ୍ଷା କରନ୍ତୁ ଏବଂ ଏହି ଅନୁରୋଧ ଅନୁସାରେ ପଦକ୍ଷେପ ନିଅନ୍ତୁ । ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଗଣମାଧ୍ୟମ ମାଧ୍ୟମରେ ରାଜ୍ୟ ସରକାରଙ୍କ ତରଫରୁ କେହି ତାଙ୍କୁ ସାକ୍ଷାତ୍ କରନ୍ତୁ ବୋଲି ଅପେକ୍ଷା ରଖିଛନ୍ତି । ରଥଯାତ୍ରା ଓ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରସଙ୍ଗରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ କଣ କହିବାକୁ ଚାହୁଁଛନ୍ତି ରାଜ୍ୟ ସରକାର ତୁରନ୍ତ ସାକ୍ଷାତ୍ କରି ତାଙ୍କ ପରାମର୍ଶ ନିଅନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଉତ୍କଳମଣିଙ୍କ ୯୨ତମ ସ୍ମୃତି ଦିବସ ପାଳିତ

ଉଦଳା ,୨୧।୬ (ନି.ପ୍ର): ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୨ତମ ସ୍ମୃତି ଦିବସ ଚଳିତ ଜୁନ୍ ୨୦ତାରିଖ ଶନିବାର ଦିନ ଉଦଳାଠାରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ଉଦ୍ୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ସହର ମଧ୍ୟରେ ବସ୍‌ଷ୍ଟାଣ୍ଡକୁ ଲାଗିକରି ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ଥାପନ କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସେବାଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ଟ୍ରଷ୍ଟର ସମ୍ପାଦକ ତଥା ଉଦଳା ଓକିଲ ସଙ୍ଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ବ୍ରାହ୍ମଣ ମହାସଭାର ସଭାପତି ସତ୍ୟବ୍ରତ ମିଶ୍ର, ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର, ନରେନ୍ଦ୍ର ରାଉତ, ସୁରେନ୍ଦ୍ର ଶତପଥୀ, କବି କରୁଣାକର ଦାସ, ପ୍ରତାପ ଷଡ଼ଙ୍ଗୀ, ଅଟୋ ମାଲିକ ସଙ୍ଘର ସଭାପତି ଲକ୍ଷ୍ମଣ ମହାପାତ୍ର, ଅଶୋକ କୁମାର କଳିଆ, ସହଦେବ ମହଲା, ଅନିରୁଦ୍ଧ କର, ମନୋଜ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ।



# ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୪

## ସ୍ଥାନୀୟ ସଂକ୍ରମଣକୁ ନେଇ ବଢୁଛି ଚିନ୍ତା

ବାଲେଶ୍ୱର,୨୧।୬ (ନି.ପ୍ର): ଦିନକୁ ଦିନ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମ୍ପ୍ରତି ସବୁ ମହଲ ପାଇଁ ଚିନ୍ତାର ବିଷୟ ହୋଇଛି। ଆଜି ରାଜ୍ୟରେ ଚିହ୍ନଟ ହୋଇଥିବା ୩୦୪ଙ୍କୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୫୧୬୦ଛୁଇଁଥିବା ବେଳେ ଅନୁରୂପ ଭାବେ ଓଡ଼ିଶାରେ ଅରୋଗ୍ୟ ହାର ମଧ୍ୟ ବୃଦ୍ଧି ପାଇଛି। ଅଦ୍ୟାବଧି ୩୫୩୪ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ୨ଜଣ ସଂକ୍ରମିତଙ୍କର ଆଜି ମୃତ୍ୟୁ ହୋଇଥିବା ବେଳେ ମୋଟ୍ ୧୬୦୭ ଜଣ ସଂକ୍ରମିତ ଏବେ ଚିକିତ୍ସିତ ହେଉଛନ୍ତି। ସେହିଭଳି ବାଲେଶ୍ୱରରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଜିଲ୍ଲା ପାଇଁ ଉଦ୍‌ବେଗ ଜନକ ସ୍ଥିତି ସୃଷ୍ଟି କରିଛି। ଆଜି ନୂଆ ଚିହ୍ନଟ ୧୭ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାରେ ସକ୍ରମିତଙ୍କ ସଂଖ୍ୟା ୨୯୪ରେ ପହଂଚିଛି। ୧୭ଜଣଙ୍କ ମଧ୍ୟରୁ ୧୬ ଜଣ ସଂଗରୋଧ କେନ୍ଦ୍ର ଓ ଜଣେ ହୋମ କ୍ୱାରେ।ଇନ୍‌ରେ ରହିଥିବା ଜଣାଯାଇଛି। ଚିହ୍ନଟଙ୍କ ମଧ୍ୟରୁ ୧୦ ଜଣ ମହାରାଷ୍ଟ୍ରର ମୁମ୍ବାଇରୁ, ୪ ଜଣ ନୂଆଦିଲ୍ଲୀରୁ, ପଶ୍ଚିମବଙ୍ଗ ଓ ତାମିଲନାଡୁର ଚେନାଇରୁ ଜଣେ ଲେଖାଏଁ ପ୍ରବାସୀ ଜିଲ୍ଲାକୁ ଆସି କ୍ୱାରେ।ଇନ୍‌ରେ ଥିଲେ। ଇତିମଧ୍ୟରେ ୧୧ଟି କରୋନା ପ୍ରବଣ ଜିଲ୍ଲା ସମେତ ବାଲେଶ୍ୱରରେ ଲାଗୁ ହୋଇଥିବା ଜୁନ୍‌ମାସର ତୃତୀୟ ସପ୍ତାହର ଦୁଇଦିନିଆ ସଟ୍ ଡାଉନ୍ ଆଜି ଶେଷ ହୋଇଛି। ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି। ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀ ସରକାରଙ୍କ ନିୟମକୁ ମାନି ସଟ୍ ଡାଉନ୍ ପାଳନ କରିଥିବା ପରିଲକ୍ଷିତ ହୋଇଥିଲା। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ ନ ପଡ଼ିଲେ ବା ମେଡିକାଲକୁ ଯିବା ଭଳି ଜରୁରୀ ସ୍ଥିତିରେ କାଁ ଭାଁ ଲୋକେ ଘରୁ ବାହାରୁ ଥିଲେ ବି ତାହା ପୁଣି ପ୍ରଶାସନର ଅନୁମତି ନେଇଥିଲେ। ସେହିଭଳି ଏହି ଦୁଇଦିନିଆ ସଟ୍ ଡାଉନ୍‌ର ସଫଳତା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଥିଲା। ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ କରାଯିବା ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯା ବ୍ୟବସ୍ଥା କରାଯାଇଥିଲା। ଅନୁରୂପ ଭାବେ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳଥିଲା।

# ମୁନି ସମାଜ ତରଫରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଉଦଳା ,୨୧।୬ (ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଉଦଳା ଶାଖା ତରଫରୁ ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ପ୍ରଶିକ୍ଷକ ଅଲେକଚନ୍ଦ୍ର ପରିଡ଼ା ଯୋଗଦେଇ ନିଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଯୋଗର ଆବଶ୍ୟକତା କିପରି ରହିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ବେହେରା, ସଂଯୁକ୍ତା



ସାହୁ, ସ୍ମୃତି ସମ୍ପର୍ଣ୍ଣା ନନ୍ଦ, ବଳଭଦ୍ର ପଣ୍ଡା, ଦିଲ୍ଲୀପ କୁମାର ସାହୁ, ନିତୀଶ କୁମାର ପଣ୍ଡା, ଶୁଭସାବିତ୍ରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏହି କାର୍ଯ୍ୟକ୍ରମ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ରବିବାର ୨୮ ତାରିଖ ଦିନ ଏହାର ଉଦ୍‌ଯାପନ ଉତ୍ସବ ପାଳିତ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଲକ୍‌ଡାଉନ ଥିବାରୁ ସରକାରଙ୍କ ସବୁ ପ୍ରକାର ନିର୍ଦ୍ଦେଶକୁ ମାନି ଶୃଙ୍ଖଳିତ ଭାବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାର ଜଣାଯାଇଛି।

# ରାଜ୍ୟରେ ଆଉ ଦୁଇ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ: ରାଜ୍ୟରେ ମୃତ୍ୟୁ ସଂଖ୍ୟା ୧୪ରେ ପହଂଚିଲା

ଭୁବନେଶ୍ୱର,୨୧।୬ (ନି.ପ୍ର): ରାଜ୍ୟରେ ଆଜି ପୁଣି ଦୁଇ ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବରଗଡ ଓ ଗଂଜାମରୁ ଜଣେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୋଟ ମୃତ୍ୟୁ ସଂଖ୍ୟା ୧୪ରେ ପହଂଚିଛି ।

ଉକ୍ତ ଦୁଇ ବ୍ୟକ୍ତିଙ୍କ ଭିତରୁ ଜଣେ ବରଗଡ଼ ଜିଲ୍ଲାର ଜଣେ ପୁରୁଷ ଓ ତାଙ୍କ ବୟସ ୭୬ ବର୍ଷ ବୋଲି ଜଣାଯାଇଛି। ସେ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ପୀଡ଼ିତ ଥିଲେ। ବରଗଡ ଜିଲ୍ଲାରେ କରୋନା କାରଣରୁ ଏହା ପ୍ରଥମ ମୃତ୍ୟୁ । ସେହିପରି ଅନ୍ୟଜଣକ ଗଞ୍ଜାମ ଜିଲ୍ଲାର ଜଣେ ପୁରୁଷ ଓ ତାଙ୍କ ବୟସ ୪୯ ବର୍ଷ ବୋଲି ଜଣାଯାଇଛି। ସେ ଅନ୍ୟ ରୋଗରେ ପୀଡ଼ିତ ଥିଲେ। ଉଭୟଙ୍କର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ମୃତ୍ୟୁ ଘଟିଛି । ଏହା ଫଳରେ ଗଞ୍ଜାମ ଜିଲ୍ଲାରେ କରୋନା ମୃତ୍ୟୁ ସଂଖ୍ୟା ୭ରେ ପହଂଚିଛି।

# ଇଶ୍ୱର ମହାଲିକଙ୍କ ଘରେ ପୁଣି ପୁଲିସର ଚଢ଼ଉ: ପତ୍ନୀ-କନ୍ୟା ଗିରଫ





ବାଲେଶ୍ୱର,୨୧।୬ (ନି.ପ୍ର): ରେମୁଣା ଅ ଳର କୁଖ୍ୟାତ ଅପରାଧୀ ଶ୍ୟାମରାଇପୁର ଗ୍ରାମର ଇଶ୍ୱର ମହାଳିକଙ୍କ ଘରେ ଆଜି ପୁଣି ପୁଲିସର ବଡ଼ଧରଣର ଚଢ଼ଉ ହୋଇଛି। ଏକ ଡକାୟତି ମାମଲାରେ ଗତ ୧୪ ତାରିଖ ଦିନ ବିରାଟ ପୁଲିସ ଟିମ୍ ଦୀର୍ଘ ସାଢ଼େ ୪ଘ ।ର ଚଢ଼ଉ ପରେ ଈଶ୍ୱରକୁ ଗିରଫ କରିଥିଲା। ଏବେ ସେ ପୁଲିସ କବଜାରେ ଥିବା ବେଳେ ଆଜି ପୁଣି ସେହି ଡକାୟତି ମାମଲାରେ ଈଶ୍ୱରର ପୁଅ, ସ୍ତ୍ରୀଙ୍କ ଓ ପରିବାରର ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ କରିଥିଲା। ସେଦିନ ଭଳି ଆଜି ମଧ୍ୟ ପରିବାର ଲୋକେ ଘରେ ତାଲା ପକାଇ ଭିତରେ ରହିଥିଲେ ଏବଂ ପୁଲିସକୁ ସହଯୋଗ କରିନଥିବା ଦେଖିବାକୁ ମିଳିଥିଲା। ତେବେ କିଛିସମୟର ବ୍ୟବଧାନ ପରେ ପୁଲିସ ତାଲାଭାଙ୍ଗି ଘରେ ପଶିଥିଲା। ତାର ଘରୁ ପୁଲିସ ଗାଡ଼ିରେ ବ୍ୟବହାର ହେଉଥିବା ସାଇରନ୍ ଲାଇଟ୍, ଦୁଇଟି ଅଫୁଟା ବୋମା ସହିତ ବହୁ ପରିମାଣର ମାରଣାସ୍ତ୍ର ଜବତ୍ କରିଛି। ତେବେ ଡକାୟତି ମାମାଲାର ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଥିବା ବେଳେ ଅନ୍ୟଏକ ଅପରାଧିକ ମାମଲାରେ ଈଶ୍ୱରର ପତ୍ନୀ ଓ କନ୍ୟାଙ୍କୁ ଗିରଫ କରିଛି।

# ୧୪ ଜିଲ୍ଲାରୁ ସୁସ୍ଥ ହେଲେ ୧୮୬ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୧।୬ (ନି.ପ୍ର): ରାଜ୍ୟରେ ରବିବାର ଦିନ ୧୪ଟି ଜିଲ୍ଲାରୁ ୧୮୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମେଟ ସୁସ୍ଥଙ୍କ ସଂଖ୍ୟା ୩୭୨୦ରେ ପହଂଚିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ କଟକ ଜିଲ୍ଲାରୁ ସର୍ବାଧିକ ୬୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲାରୁ ୪୧ ଜଣ ସୁସ୍ଥ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୩୨ ଜଣ, ଗଂଜାମ ଜିଲ୍ଲାରୁ ୧୨ ଜଣ, ମୟୂରଭଂଜ ଜିଲ୍ଲାରୁ ୮ ଜଣ, ଅନୁଗୁଳ ଜିଲ୍ଲାରୁ ୭ ଜଣ, କେନ୍ଦୁଝର ଜିଲ୍ଲାରୁ ୫ ଜଣ, ମାଲକାନଗିରି, ନୟାଗଡ଼ ଓ ପୁରୀ ଜିଲ୍ଲାରୁ ୪ ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି। ଏହା ବ୍ୟତୀତ ବାଲେଶ୍ୱର, ଦେବଗଡ଼ ଓ ସୋନପୁର ଜିଲ୍ଲାରୁ ୨ ଜଣ ଲେଖାଏଁ ଓ ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟରେ ଏପର୍ଯ୍ୟନ୍ତ ୨ ଲକ୍ଷ ୨୪ ହଜାର ୪୦୨ ନମୁନା ପରୀକ୍ଷା କରାଯାଇଛି। ଏପର୍ଯ୍ୟନ୍ତ ମୋଟ ୫୧୬୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷେ ୩ ହଜାର ୭୨୦ ଜଣ ସୁସ୍ଥ ହୋଇଛନ୍ତି।

# ରଥଯାତ୍ରା ଉତ୍ସବ ନୁହେଁ ଏକ ବିଧି : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୨୧।୬ (ନି.ପ୍ର): ଓଡ଼ିଆ ଜାତିର ଆଧାତ୍ମିକ ପ୍ରତିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଆଉ ଗୋଟିଏ ଦିନ ମାତ୍ର ବାକିଅଛି। ଏ ନେଇ ଭାରବର୍ଷର ସର୍ବୋଚ୍ଚ ନ୍ୟାୟଳୟ ତାଙ୍କର ନିଷ୍ପତି ଜଣାଇ ସାରିଛନ୍ତି। ରଥଯାତ୍ରାକୁ ଭକ୍ତଶୂନ୍ୟ କରି ସ୍ନାନପୂର୍ଣ୍ଣିମା ଭଳି ପାଳନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ସରକାରଙ୍କୁ ଅବଗତ କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ନେଇ ଯେଉଁଭଳି ବାଦବିବାଦ ଚାଲିଛି ତାହା ପସନ୍ଦଯୋଗ୍ୟ ନୁହେଁ ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ ପ୍ରତ୍ୟେକ କଥାରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ତାଳରେ ତାଳ ମିଳାଇ ନିଷ୍ପତି ନେଉଥିଲା ବେଳେ କୋଟି କୋଟି ହୃଦୟର ଆରାଧ ଦେବତା ପ୍ରଭୁ ଶ୍ରୀ



ଜଗନ୍ନାଥଙ୍କର ଏହି ପବିତ୍ର ଘୋଷଯାତ୍ରା କାହିଁକି ବିଳମ୍ବକରି ଅନ୍ଧାର ଭବିଷ୍ୟତ ଭିତରକୁ ଠେଲି ଦେଲେ ଏହା ସମସ୍ତଙ୍କ ମଧରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଏକ ମହାମାରୀ ସମୟରେ ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଯଥେଷ୍ଟ ପୂର୍ବରୁ ସରକାର ନିଷ୍ପତି ନେବାର ଥିଲା । ଯଦି ସୁପ୍ରିମକୋର୍ଟ ତାଙ୍କ ଆଦେଶନାମାରେ ପରିବର୍ତନ ନକରନ୍ତି । ବର୍ତମାନ ପରିସ୍ଥିତିରେ ସୁପ୍ରିମକୋର୍ଟର ନିର୍ଦ୍ଦେଶକୁ ଅନୁପାଳନ ପୂର୍ବକ କ’ଣ ବିକଳ୍ପ ବ୍ୟବସ୍ଥା ହୋଇ ପାରିବ ତାହା ଚିନ୍ତା କରି ନିଷ୍ପତି ନେବାର ସମୟ । କରୋନା ମହାମାରୀ ସମୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରବାସୀ ଶ୍ରମିକ ମାନଙ୍କୁ ନେବା ଆଣିବା ଓ ଖାଦ୍ୟପେୟ ଦେବାରେ ଯେଭଳି ଛକାପକା ନୀତି ଅବଲମ୍ବନ କଲେ ଓ ବର୍ତମାନ ବହୁ ଲମ୍ବା କାର୍ଯ୍ୟକ୍ରମ ମାନ ହାତକୁ ନେବା ପାଇଁ ଯେଉଁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ତାର ବାସ୍ତବତା ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ପଟ୍ଟନାୟକ । କରୋନା ମୁକାବିଲା ପାଇଁ କିଣାଯାଇଥିବା ବିଭିନ୍ନ ସାମଗ୍ରୀ ଓ ଶ୍ରମିକ ମାନଙ୍କ ପାଇଁ କିଣାଯାଇଥିବା ଅନେକ ସାମଗ୍ରୀରେ ଯେଉଁ ଶହ ଶହ କୋଟି ଟଙ୍କାର ଦୁର୍ନତି ହୋଇଛି ତାହା ନେଇ ପଦକ୍ଷେପ ନେବା ବଦଳରେ ସରକାର ଚୁପଚାପ ହୋଇ ବସିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଆଉ ୩୦୪ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୫୧୬୦କୁ ବୃଦ୍ଧି

ଭୁବନେଶ୍ୱର,୨୧।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୩୦୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୫୧୬୦ କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୩୦୪ ଜଣଙ୍କ ମଧ୍ୟରୁ ୨୭୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩୨ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଏହା ବ୍ୟତୀତ ପଶ୍ଚିମ ବଙ୍ଗର ଅମ୍ଫାନ ଡ୍ୟୁଟିରୁ ଫେରିଥିବା ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ୪୨ ଜଣ ଜବାନ କରୋନା ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲାରୁ ୪୭ ଜଣ, ଗଂଜାମ ଜିଲ୍ଲାରୁ ୪୦ ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ପଶ୍ଚିମ ବଙ୍ଗର ଅମ୍ଫାନ ଡ୍ୟୁଟିରୁ ଫେରିଥିବା ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ୪୨ ଜଣ କରୋନା ଆକ୍ରାନ୍ତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଜଗତସିଂହପୁର ଜିଲ୍ଲାରୁ ୨୯ ଜଣ, ଝାରସୁଗୁଡା ଜିଲ୍ଲାରୁ ୨୫ ଜଣ, ଯାଜପୁର ଜିଲ୍ଲାରୁ ୨୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୭ ଜଣ, କଟକ ଜିଲ୍ଲାରେ ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୪ ଜଣ, କନ୍ଧମାଳ ଜିଲ୍ଲାରୁ ୧୨ ଜଣ, ଭଦ୍ରକ ଜିଲ୍ଲାରୁ ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ ମୟୁରଭଂଜ ଜିଲ୍ଲାରୁ ୬ ଜଣ, କେନ୍ଦ୍ରାପଡା ଓ ଖୋର୍ଧା ଜିଲ୍ଲାରୁ ୫-୫ ଜଣ, କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୋନପୁର ଜିଲ୍ଲାରୁ ୪ ଜଣ, ନୟାଗଡ ଓ ପୁରୀ ଜିଲ୍ଲାରୁ ୩-୩ ଜଣ ସମ୍ବଲପୁର ଓ ମାଲକାନଗିରି ଜିଲ୍ଲାରୁ ୨-୨ ଜଣ, , ବଲାଙ୍ଗୀର, ଢେଙ୍କାନାଳ ଓ ସୁନ୍ଦରଗଡ ଜିଲ୍ଲାରୁ ଜଣେ- ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ଦୃଶ୍ୟ ଦୀର୍ଘତମ ବିରଳ ସୂର୍ଯ୍ୟପରାଗ

ବାଲେଶ୍ୱର,୨୧।୬ (ନି.ପ୍ର): ବିଶ୍ୱର ଦୀର୍ଘତମ ବିରଳ ସୂର୍ଯ୍ୟ ପରାଗ ଆଜି ଦୃଶ୍ୟ ହୋଇଥିଲା। ଭାରତକୁ ଏହା ଆଂଶିକ ଭାବେ ଦୃଶ୍ୟମାନ ହୋଇଥିବା ବେଳେ ରାଜ୍ୟର ପଶ୍ଚିମା ଳ ଜିଲ୍ଲାର ଲୋକେ ବେଶ ଦେଖିପାରିଥିଲେ। ତେବେ ବାଲେଶ୍ୱରରେ ୭୦ ପ୍ରତିଶତ ସୂର୍ଯ୍ୟପରାଗ ଦୃଶ୍ୟ ହୋଇଥିଲା। ପୂର୍ବାହ୍ନ ୧୦ଟା ୪୨ରୁ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୨ଟା ୧୪ରେ ଶେଷ ହୋଇଥିଲା। ମଧ୍ୟାହ୍ନ ୧୨ଟା ୩ ମିନିଟରେ ପୂର୍ଣ୍ଣଗ୍ରାସ ହୋଇଥିଲା। ଦୀର୍ଘ ୩ ଘ । ୩୧ ମିନିଟ ସୂର୍ଯ୍ୟ ପରାଗ ରହିଥିବା ଦେଖିବାକୁ ମିଳିଥିଲା। ଏନେଇ ୨୦ ତାରିଖ ରାତି ୧୦ଟାରୁ ଆଜି ଅପରାହ୍ନ ୨ଟା ୧୪ ପର୍ଯ୍ୟନ୍ତ ପାକ ନିଷେଧ ହୋଇଥିଲା। ସେହିଭଳି ଦେବ ପୂଜାନୀତିରେ ବି ପରିବ ର୍ନ କରାଯାଇଥିଲା। ଗ୍ରହଣ ଶେଷ ପରେ ଦେବାଳୟମାନଙ୍କରେ ସ୍ୱତନ୍ତ୍ର ନୀତିରେ ପୂଜାର୍ଚ୍ଚନା ହୋଇଥିଲା।

# କୋଭିଡ-୧୯ରେ କାର୍ଯ୍ୟରତ ଆଶା କର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ରାସ୍ତାରେ ଅଟକ: ଥାନାରେ ମାମଲା



ନୀଳଗିରି,୨୧।୬ (ନି.ପ୍ର): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ କାଣ୍ଡଗରଡି ଗ୍ରାମରେ କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର କରିବା ନେଇ ଈଶ୍ୱରପୁର ଫାଣ୍ଡିରେ ଆଶା କର୍ମୀ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଆଶା କର୍ମୀ ମଧୁସ୍ମିତା ନାୟକ, ଆଜି ଅପରାହ୍ନରେ ଘର ଘର ବୁଲି ସର୍ଭେ କରୁଥିବା ସମୟରେ କାଣ୍ଡଗରଡି ଗ୍ରାମର ପ୍ରଦୀପ ନାୟକ ଆଶା କର୍ମୀଙ୍କୁ ଦୀର୍ଘ ସମୟ ଧରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଅଟକାଇଥିଲେ। ଆଶା କର୍ମୀ ଜଣକ କିଛି ଉପାୟ ନପାଇ ଘଟଣା ସମ୍ପର୍କରେ ଫୋନ ଯୋଗେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡଃ. ସନ୍ଦିପ ବାରିକ, ଡଃ. ରବିନାରାୟଣ ବେହେରା, ସ୍ୱାସ୍ଥ୍ୟକର୍ମୀ ବେଣୁଧର ଜେନା ଓ ସହକର୍ମୀ ମାନେ ଘଟଣାସ୍ଥଳରେ ପହଂଚି ଆଶାକର୍ମୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ଆଶାକର୍ମୀଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ପୋଲିସ ଯଦି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତାହାଲେ ଆଶାକର୍ମୀ ମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦୃଢ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଅଗୁରୁ ଦାସଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ନିଶ୍ଚିତ ଭାବରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ହେଲଦି ଲାଇଫ୍ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ

ବାଲେଶ୍ୱର,୨୧।୬ (ନି.ପ୍ର): ପ୍ରତିବର୍ଷ ଭଳି କରୋନା ସତର୍କତା ଅବଲମ୍ବନ ସହ ବାଲେଶ୍ୱରରେ ଆଜି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିବା ବେଳେ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିୟର ଏଣ୍ଡ ଯୌଗିକ ସାଇନ୍ସ-ହେଲଦି ଲାଇଫ୍ ପକ୍ଷରୁ ମଧ୍ୟ ସହରର ଚିଡ଼ିଆପୋଲସ୍ଥିତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚି ଂଜନ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନିରୋଗ ଶରୀର ଗଠନ, ସଂଯମ ଓ ମାନସିକ ଭାରସାମ୍ୟ ରକ୍ଷାରେ ଯୋଗର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ସାମ୍ପ୍ରତିକ କରୋନା ଭଳି ସଂଗୀନ ସ୍ଥିତିରେ



ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ସମ୍ପର୍କରେ ସେ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ୫ ବର୍ଷରୁ ୮୫ ବର୍ଷ ପର୍ଯ୍ୟନ୍ତ ସବୁ ବର୍ଗର ଲୋକେ ପ୍ରତିଦିନ ଅତିକମ୍‌ରେ ଅଧଘ ।ଏ ଯୋଗ କରିବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ କାର୍ଯକ୍ରମରେ ଉପସ୍ଥିତ ଲୋକଙ୍କୁ ଡାକ୍ତର ସାହୁ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯୋଗାସନ ଓ ପ୍ରାଣାୟମ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ତେବେ କରୋନା ସଂକ୍ରମଣ ପ୍ରତି ସତର୍କତା ଅବଲମ୍ବନ ପୂର୍ବକ ଆଜିର ବିଶ୍ୱ ଯୋଗ ଦିବସରେ କାର୍ଯ୍ୟାଳୟ ପାଖାପାଖି ଅ ଳର ଅଳ୍ପକିଛି ବ୍ୟକ୍ତିଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକ ଦେବୀ ଅର୍ଚ୍ଚନା ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୦୦ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର, ୨୧ ଜୁନ - ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୦୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ରା ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୧୩୯ଟି ବାହନରୁ ଜୋରିମାନା ଆଦାୟ କରା ଯାଇଥିବା ସୂଚନା ଦିଆ ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo